

“ ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ବକ୍



## ସଂକ୍ଷେପରେ

### ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରାଇବା ଘଟଣା
## ବିଧାୟକଙ୍କ ଗିରଫ ଦାବି କଲା ଡିପ୍ଲୋମା ଇଞ୍ଜିନିୟରିଂ ସଂଘ

**ଯାଜପୁର ଟାଉନ,୧୦।୬(ଡି.ଏନ.ଏ.):** ପାଟଣାଗଡ଼ ବିଧାୟକ ସରୋଜ ମେହେର ରାସ୍ତା କାମରେ ଅନିୟମିତତା ନେଇ ଜଣେ ଯନ୍ତ୍ରୀଙ୍କୁ ରାସ୍ତାରେ ଉଠ୍‌ବସ କରାଇଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓ ଭାଇରାଲ୍ ହେବାପରେ ବିଭିନ୍ନ ସ୍ଥାନରେ ବିଧାୟକଙ୍କ ଏପରି କାର୍ଯ୍ୟକଳାପକୁ ନିନ୍ଦା କରାଯାଇଛି। ଏହି କ୍ରମରେ ଯାଜପୁର ଜିଲା ଡିପ୍ଲୋମା ଇଂଜିନିୟରିଂ ସଂଘ ଉକ୍ତ ଘଟଣାକୁ ନିନ୍ଦା କରିବା ସହ ବିଧାୟକଙ୍କ ଗିରଫ ଦାବି କରିଛି। ଏ ନେଇ ସୋମବାର ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିଧାୟକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜ୍ୟରେ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିବା ସହ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ସୁଧାଂଶୁ ଶେଖର ନାୟକ, ସମ୍ପାଦକ ସିଦ୍ଧାନ୍ତ ଶଙ୍କର ଜେନା, ଅମୂଲ୍ୟ ତ୍ରିପାଠୀ, ରାହାସ ବିହାରୀ ଜେନା, ମହେଶ୍ୱର ସାହୁ, ଜୟନ୍ତ କୁମାର ପୃଷ୍ଟି, ଭାଗବତ ବେହେରା, ମାନସ ନାରାୟଣ ପାଢ଼ୀ, ନଳିନୀକାନ୍ତ ଚିନାରା, ମଦନ ସୁନ୍ଦର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

**ଧର୍ମଶାଳା,୧୦।୬(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହାଠାରେ ଥିବା ଇଣ୍ଡିକ୍ୟାସ୍ ଏଟିଏମ୍‌ରୁ ରବିବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଏ ନେଇ ସୋମବାର କମ୍ପାନୀ ଏଟିଏମ୍ ପରିଚାଳକ ରଶ୍ମି ରଞ୍ଜନ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୬୪/୧୯) ରୁଜୁ କରିଛି। ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି। ପ୍ରକାଶ ଯେ, ଆରୁହାଠାରେ ଏକ ମାସ ହେବ ଉକ୍ତ ଏଟିଏମ୍‌ଟି ବସାଯାଇଛି। ରବିବାର ବିଳମ୍ବିତ ରାତିରେ କେତେଜଣ ଲୁଟେରା ଏଟିଏମ୍ ତାଡି ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ। ତେବେ ମେଶିନଭାଙ୍ଗି ପାରି ନ ଥିଲେ। ସକାଳେ ଏଟିମ୍ ତଡା ହୋଇଥିବାଦେଖି ରଶ୍ମୀ ରଞ୍ଜନ ଥାନାରେ ଅଭିଯୋଗ କରିଥିଲେ।

## ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭାକୁଡ଼ ଗ୍ରାମର ଗୁରୁଚରଣ ବେହେରାଙ୍କ ଝିଅ ବର୍ଷାରାଣୀ (୧୫)ଙ୍କର ସୋମବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଭାକୁଡ଼ କବି ଅନନ୍ତ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ଥିଲେ। ସେ ରବିବାର ରାତିରେ ଘରେ ଶୋଇଥିଲାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପ୍ରଥମେ ତାଙ୍କୁ ଝଡ଼ା ଫୁଙ୍କା କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେ ବଞ୍ଚିପାର ନ ଥିଲେ।

## ଉଦ୍ଧାର ମହିଳାଙ୍କୁ ସ୍ୱାମୀଙ୍କୁ ହସ୍ତାନ୍ତର

**ଯାଜପୁରରୋଡ,୧୦।୬(ନି.ପ୍ର.):** ଯାଜପୁର-କେନ୍ଦୁଝରରୋଡ଼ ରେଳ ଷ୍ଟେଶନ ସମ୍ମୁଖରୁ ଗତ ମାର୍ଚ୍ଚ ୧୯ ତାରିଖରେ ଜଣେ ମହିଳାଙ୍କୁ ଅସହାୟ ଅବସ୍ଥାରେ ସ୍ୱେଚ୍ଛାସେବୀ ସଂଗଠନ ବିଶ୍ୱନାଥ ଟ୍ରଷ୍ଟ ପକ୍ଷରୁ ଉଦ୍ଧାର କରାଯାଇଥିଲା। ପରେ ରେଲୱେ ପୋଲିସ ସାହାଯ୍ୟରେ ନିଶ୍ୱ ସ୍ୱଧାର ଗୃହରେ ଥଇଥାନ କରାଯାଇଥିଲା। ମହିଳାଙ୍କ ନାମ ଶିଶୁଲତା ସ୍ୱାଇଁ। ସେ ପାରିବାରିକ କଳହ ଯୋଗୁ ଶାଶୁଘରୁ ପଳାଇ ଆସିଥିଲେ। ତାଙ୍କ ସ୍ୱାମୀଙ୍କ ନାମ ଅନୀଲ କୁମାର ସ୍ୱାଇଁ ଏବଂ ଘର ଜେନାପୁର ଥାନା ଦଳଗାଁ ଗ୍ରାମରେ ବୋଲି କହିଥିଲେ। ତାଙ୍କଠାରୁ ଠିକଣା ପାଇ ନିଶ୍ୱ ଏବଂ ବିଶ୍ୱନାଥ ଟ୍ରଷ୍ଟ ପକ୍ଷରୁ ଅନୀଲଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କ ସ୍ୱାମୀ ଆସି ଆପୋସ ସମାଧାନ ପରେ ଏକାଠି ରହିବାକୁ ଯାଜପୁରରୋଡ଼ ପୋଲିସକୁ ଲିଖିତ ଆକାରରେ ଜଣାଇବା ପରେ ପୋଲିସ ପକ୍ଷରୁ ଅନୁମତି ଦିଆଯାଇଥିଲା।

### କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସ୍ଥାନାନ୍ତରଣ ପ୍ରସଙ୍ଗ
# ସରିଛି ଗୃହ ନିର୍ମାଣ, ଗଡୁଛି ଦିନ

**ଯାଜପୁର ଅଫିସ,୧୦।୬**

କଟକ ଜିଲା ଜଗତପୁରରୁ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି) ଯାଜପୁର ଜିଲାକୁ ସ୍ଥାନାନ୍ତର ଦାବି ଜୋର ଧରିଛି। କେତେଜଣ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ରାଜନୈତିକ ପଶାପାଲିରେ ଏହା ସମ୍ଭବ ହୋଇପାରୁ ନ ଥିବାରୁ ସୋମବାର ଯାଜପୁର ଜିଲା ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବନ୍ଦିତା ପରିଡା ପ୍ରମୁଖଙ୍କ ନେତୃତ୍ୱରେ କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଯାଜପୁର ଜିଲା ଅନ୍ତର୍ଗତ କଳିଙ୍ଗନଗର ସମଗ୍ର ଏସିଆ ମହାଦେଶର ବୃହତ ଇସ୍ପାତ ଶିଳ୍ପାଞ୍ଚଳ ଭାବେ ସାରା ବିଶ୍ୱରେ ପରିଚିତ। ଏଠାରେ ଟାଟା, ଜିନ୍ଦଲ, ମେସ୍କୋ, ନୀଳାଚଳ, ବିଆରପିଏଲ ଓ ଭିସା ଭଳି ବୃହତ ଶିଳ୍ପ କାରଖାନା ସମେତ ଏହାର ଆଖପାଖ ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ମଧ୍ୟମ ଓ ଲଘୁ ଶିଳ୍ପ କାରଖାନା ଗଢି ଉଠିଛି। ଏପଟେ ରାଜ୍ୟ ସରକାର ବୃହତ କାରଖାନାର ପାଖେପାଖେ ଅନ୍ୟାନ୍ୟ ଛୋଟଛୋଟ ସହଯୋଗୀ କାରଖାନା ବସାଇବାକୁ




ଜଗତପୁରରେ ଥିବା କଳିଙ୍ଗନଗର ଆରଆଇସି ।



ଚାନ୍ଦମାଠାରେ ଆରଆଇସି କାର୍ଯ୍ୟାଳୟ ପାଇଁ ନିର୍ମାଣ ହୋଇଥିବା ଗୃହ।

ମେକ୍ ଇନ୍ ଓଡ଼ିଶା ନାଁରେ ନିବେଶକଙ୍କୁ ନିମନ୍ତ୍ରଣ କରୁଛନ୍ତି। ହେଲେ ଏସବୁ କଥା ବୁଝିବାକୁ ରାଜ୍ୟ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମଇ) ବିଭାଗ ଅଧୀନରେ ଥିବା କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର କଟକ ଜିଲା ଜଗତପୁରରେ କାମ କରୁଛି। ଯାଜପୁର ଜିଲା ଗଠନକୁ ୨୫ ବର୍ଷ ପୁରି ସାରିଥିବାବେଳେ ଅନ୍ୟ ଜିଲା ଭଳି ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଯାଜପୁର ଜିଲାକୁ ସ୍ଥାନାନ୍ତରିତ ନ ହେବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । କେବଳ ସେତିକି ନୁହେଁ ୧୦ ହଜାରରୁ ଉର୍ଦ୍ଧ୍ୱ କାରିଗରଙ୍କ ବିକାଶ ଦାୟିତ୍ୱ ଆଞ୍ଚଳିକ ଶିଳ୍ପକେନ୍ଦ୍ର ଉପରେ ନ୍ୟସ୍ତ ରହିଛି। ଏହିକ୍ରମରେ ଜିଲାର ଯୁବ ଉଦ୍ୟୋଗୀ, ଗରିବ କାରିଗରମାନେ ଜିଲା ସଦର ମହକୁମାରୁ ୭୦ କିଲୋମିଟର ଦୂରରେ ଜଗତପୁରରେ ଥିବା ଆଞ୍ଚଳିକ ଶିଳ୍ପକେନ୍ଦ୍ର ଯିବାକୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏପଟେ ଯାଜପୁର ରୋଡ ସହର ଅନ୍ତର୍ଗତ ଚାନ୍ଦମା ନିକଟରେ ରାଜ୍ୟ ସରକାରଙ୍କ ନିଷ୍ପତି ମୁତାବକ ପ୍ରାୟ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର କୋଠା ନିର୍ମାଣ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ସରିଛି । ହେଲେ ବିଡମ୍ବନା ଯେ, କଟକ ଜିଲା ଜଗତପୁରରୁ ଏଯାଏ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇପାରି ନାହିଁ। ଏପଟେ ଆସନ୍ତା ମାସେ ଦୁଇମାସ ମଧ୍ୟରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜଗତପୁରରୁ ଚାନ୍ଦମା ନିକଟରେ ନିର୍ମାଣ ହୋଇଥିବା ନୂତନ କୋଠାକୁ ସ୍ଥାନାନ୍ତରିତ ହେବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି।
ଯାଜପୁର ଜିଲା ଗଠନ ହେବା ପୂର୍ବରୁ ଯାଜପୁର ଜିଲା ପାଇଁ ଉଦ୍ଦିଷ୍ଟ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆରଆଇସି) କାର୍ଯ୍ୟାଳୟ କଟକ ଜିଲା ଜଗତପୁରରେ ରହିଛି। ତେବେ ଇଡକୋ ପକ୍ଷରୁ ପ୍ରାୟ ୨ମାସ ହେବ ଯାଜପୁରରୋଡ ଚାନ୍ଦମାଠାରେ ଆରଆଇସି କାର୍ଯ୍ୟାଳୟ ପାଇଁ ଗୃହ ସମ୍ପୂର୍ଣ୍ଣ ହୋଇଛି । ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜଗତପୁର ମୋହ ତୁଟୁନି। ବିଭିନ୍ନ ଆଳ ଦେଖାଇ ଆରଆଇସି କାର୍ଯ୍ୟାଳୟକୁ ସେଠାରେ ଚାଲୁ ରଖିବାକୁ ବିଭାଗୀୟ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି। ଅନ୍ୟପକ୍ଷେ ଚଣ୍ଡିଖୋଲ କିମ୍ବା ଜାରକାରେ ଜିଲା ଆରଆଇସି କାର୍ଯ୍ୟାଳୟ ସ୍ଥାପନ କରିବାକୁ କେତେଜଣ ଶିଳ୍ପୀ ଦାବି କରୁଛନ୍ତି। ବିଦ୍ୟୁତ ସଂଯୋଗ ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଛି। ଏପରିକି କାର୍ଯ୍ୟାଳୟ ଆସବାପତ୍ର ଆଦି କିଣିବା ସହିତ ପରିବହନ ଖର୍ଚ୍ଚ ବାବଦକୁ ବିଭାଗ ପକ୍ଷରୁ ୧୨ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏଥିପାଇଁ ୨୦୧୮ ଅକ୍ଟୋବରରେ ଆରଆଇସି ପକ୍ଷରୁ ଶିଳ୍ପ ନିର୍ଦ୍ଦେଶାଳୟର ଦୃଷ୍ଟି ଆକର୍ଷଣ

**ରସ୍ତାକୁ ଓହ୍ଲାଇଲା ଜିଲା ଅସଂଗଠିତ ଶ୍ରମିକ କଂଗ୍ରେସ**

ମଧ୍ୟ କରାଯାଇଛି। ଜବରଦଖଲ ତଥା ବେଆଇନ କାର୍ଯ୍ୟକଳାପ ଯେପରି ନ ହେବ ସେଥିପାଇଁ ଜଗତପୁରରେ ଚାଲିଥିବା ଗୃହ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ମଧ୍ୟ କୁହାଯାଇଛି। ତଥାପି ଦିନ ଗଡି ଚାଲିଛି। ଯଦ୍ୱାରା ଜିଲାସାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଉଦ୍ୟୋଗୀଙ୍କ ଦ୍ୱାରା ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଏମ୍ଏସ୍ଏମ୍ଇ ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମ ଲକ୍ଷ୍ୟଚ୍ୟୁତ ହୋଇଛି। ଯାଜପୁର ଜିଲା ଶିଳ୍ପ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୧୮-୧୯ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୩୬୦୦ ମଧ୍ୟରୁ ମାସିକ ଅଗ୍ରଗତି ମଧ୍ୟ ନୈରାଶ୍ୟଜନକ ହୋଇଛି । ଚଳିତ ଆର୍ଥିକ ବର୍ଷରେ ଏମ୍ଏସ୍ଏମ୍ଇ ପକ୍ଷରୁ ଯାଜପୁର ଜିଲା ଶିଳ୍ପ କେନ୍ଦ୍ରକୁ ୨୧,୬୦୦ ଲକ୍ଷ ଟଙ୍କା ବିନିଯୋଗ କରି ୧୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି । କିନ୍ତୁ ମାସିକ ଅଗ୍ରଗତି ରିପୋର୍ଟ ନୈରାଶ୍ୟଜନକ ହୋଇଥିବାରୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରୁ ଯୁଗ୍ମ ନିର୍ଦ୍ଦେଶକ ବି.ବି. ଧଳ ଅତୀତରେ ଉଦ୍‌ବେଗ ପ୍ରକାଶ କରିବା ସହିତ ମାସିକ ଲକ୍ଷ୍ୟ ହାସଲ ପାଇଁ ଆନ୍ତରିକତା ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ।

## ଗେଙ୍ଗୁଟି ନଦୀରେ ବୁଡ଼ି ନାବାଳକ ମୃତ

**ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ପଞ୍ଚାୟତ ବଡ଼ଗେଙ୍ଗୁଟି ନଦୀରେ ସୋମବାର ଦୁଇ ସାଙ୍ଗ ଗାଧୋଉଥିବା ବେଳେ ଅସାବଧାନତାବସତଃ ଗଭୀର ପାଣିକୁ ଖସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରିଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକ ହେଲେ ଅରଖପୁର ପଞ୍ଚାୟତ ବାରବାଟୀ ଗ୍ରାମର ଯତୀନ୍ଦ୍ର ସାହୁଙ୍କ ପୁଅ ଚିନ୍ମୟ (୧୫)।
ପ୍ରକାଶ ଯେ, ବାରବାଟୀ ଗ୍ରାମର ଚିନ୍ମୟ ଉକ୍ତ ଗ୍ରାମର ପ୍ରତାପ ବଳଙ୍କ ପୁଅ ସାନ୍ତନୁ ଦୁଇ ସାଙ୍ଗ। ଉଭୟ ସାଙ୍ଗ ହୋଇ ଯୁକ୍ତ ୨ ପାଇଁ କୋଚିଂ ନେଉଥିଲେ। ସୋମବାର ସକାଳ ୧୦ ଟାରେ କୋଚିଂ ଶେଷ ପରେ ଦୁହେଁ ନିକଟ ବଡଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀର ବାଇଶିମୌଜା ସେତୁ ନିକଟରେ ଥିବା ତୁଠରେ ଉଭୟ ଗାଧୋଉଥିଲେ। ଗାଧୋଇବାବେଳେ ଗୋଡ଼ ଖସିଯାଇଥିଲା। ଚିତ୍କାର ଶୁଣି ନଦୀର ଅନ୍ୟଏକ ସ୍ଥାନରେ ଗାଧୋଉଥିବା ଲୋକେ ସାନ୍ତନୁଙ୍କୁ ଉଦ୍ଧାର କରିଥିବାବେଳେ ଚିନ୍ମୟ ନଦୀର ତଳପଟକୁ ଭାସି ଯାଇଥିଲେ। ଦିର୍ଘ ୧ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସ୍ଥାନୀୟ ଲୋକେ ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ବହୁ ଖୋଜାଖୋଜି ପରେ ପ୍ରାୟ ୨ଶହ ମିଟର ଦୂରତାରୁ ଚିନ୍ମୟଙ୍କୁ ଉଦ୍ଧାର କରିଥିଲେ। ବଡ଼ଚଣା ପୋଲିସ ଚିନ୍ମୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଥିବା ଜଣାପଡ଼ିଛି।

### ଡାକ କର୍ମଚାରୀ ଜାଲ୍ ଦସ୍ତଖତରେ ଅର୍ଥ ହଡ଼ପ କରିଥିବା ଅଭିଯୋଗ
# ପୋଷ୍ଟ ମାଷ୍ଟରଙ୍କୁ ଘେରିଲେ ଜମାକାରୀ

**ରସୁଲପୁର,୧୦।୬(ଡିଏନଏ)**

କେତେଜଣ ଅସାଧୁ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଓ ଅର୍ଥ ହେରଫେର କାରବାର ଯୋଗୁ ଭାରତୀୟ ଡାକ ସେବାସଂସ୍ଥା ଉପରୁ ଗ୍ରାମାଞ୍ଚଳ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଯାଜପୁର ଜିଲା ରସୁଲପୁର ବ୍ଲକ କବିରପୁର ଉପଡାକଘର ଅଧୀନ ସାମନ୍ତରାପୁର ଡାକଘରେ ଘଟିଥିବା ଏଭଳି ଏକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଏଠାରେ ପୋଷ୍ଟମାଷ୍ଟର ଓ ପିଅନ ମିଳିମିଶି ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ଉଭୟ ଡାକ କର୍ମଚାରୀଙ୍କ ସଲାସୁତରାରେ ଶତାଧିକ ଜମାକାରୀଙ୍କ ଖାତାରୁ ଟଙ୍କା ଉଠାଯାଇଛି। ଏ ସମ୍ପର୍କରେ ଜାଣି ଏକାଧିକ ଜମାକାରୀ ସୋମବାର ପୂର୍ବାହ୍ନରେ ଶାଖା ଡାକଘର ସମ୍ମୁଖରେ ପହଞ୍ଚି ପୋଷ୍ଟମାଷ୍ଟରଙ୍କୁ ଘେରିଥିବା ଦେଖିବାକୁ ମିଳିଥିଲା।
ପ୍ରକାଶ ଯେ, ସାମନ୍ତରାପୁର ଶାଖା ଡାକଘର ଅଧିନରେ ଅନ୍ୟୁନ ହଜାରେରୁ ଉର୍ଦ୍ଧ୍ୱ ଜମାକାରୀ ଅଛନ୍ତି। ନିୟମ ମୁତାବକ ଜମାକାରୀମାନେ ଖାତାରେ ଟଙ୍କା




ଅଭିଯୋଗ କରିବାକୁ ଆସିଥିବା ଜମାକାରୀ।

ଜମା କରିଆସୁଥିଲେ ହେଁ ଏ ନେଇ ଜମାକାରୀଙ୍କୁ ଶାଖା ପକ୍ଷରୁ କୌଣସି ରସିଦ୍ ପ୍ରଦାନ କରାଯାଉ ନାହିଁ। ସ୍ଥାୟୀ ଜମା ଓ ଡାକବୀମା ଜମାକାରୀଙ୍କୁ ବଣ୍ଡ ମଧ୍ୟ ପ୍ରଦାନ କରାଯାଇ ନାହିଁ। ଅପରପକ୍ଷେ ଡାକ ପିଅନ ଜମାଖାତା ରିନ୍ୟୁ କରିବା ଆଳରେ ଅନେକ ସମୟରେ ଜମାକାରୀଙ୍କଠାରୁ ଜମା ବହି ଆଦାୟ କରିଆଣିଥାନ୍ତି ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି । ଜମାକାରୀ ଫିରୋଜା ବେଗମ୍, ଖୁଲଣା ନାଥ, ପ୍ରଭାତି ବେହେରା, ଖତ ବିବି, ବିଷ୍ଣୁ ନାଥ, ବଳରାମ ପୃଷ୍ଟି, ସେକ୍ ସୋଲେମାନଙ୍କ ଭଳିଏକାଧିକ ଜମାକାରୀ ସେମାନଙ୍କ ସଞ୍ଚୟ ଖାତା ଯାଞ୍ଚ କରିବାରୁ ଟଙ୍କା ହଡପ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ଦିଗରେ ଖୋଳତାଡ କରିବାରୁ ଟଙ୍କା ଉଠାଣ ସମୟରେ ହୋଇଥିବା ଦସ୍ତଖତ ଜମାକାରୀଙ୍କର ନୁହେଁ ବୋଲି ଜଣାପଡିଥିଲା। ଡାକ କର୍ମଚାରୀ ଜମାକାରୀଙ୍କ ଜାଲ୍ ଦସ୍ତଖତ କରି ଟଙ୍କା ହଡପ କରିନେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଜମାକାରୀମାନେ ପୋଷ୍ଟମାଷ୍ଟର

**ସାମନ୍ତରାପୁର ଶାଖା ଡାକଘର**

କ୍ଷୀରୋଦ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ କହିପାରିବେ ନାହିଁ ବୋଲି କହିବା ସହ ସେମାନଙ୍କଠାରୁ ଜମାଖାତା ଓ ଟଙ୍କା ଆଣିଥିବା ଲୋକକୁ ପଚାର ବୋଲି କହି ଘଟଣାକୁ ଏଡାଇ ଯାଇଥିଲେ। ଅପରପକ୍ଷେ ଡାକ ପିଅନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ଛୁଟିରେ ଅଛନ୍ତି। ସେ ଆସିବା ପରେ ତାଙ୍କୁ ପଚାରିବାକୁ ଶାଖା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପୋଷ୍ଟ ମାଷ୍ଟରଙ୍କର ଏଭଳି ଉପରଠାଉରିଆ ମନ୍ତବ୍ୟକୁ ଜମାକାରୀମାନେ ସହଜରେ ଗ୍ରହଣ କରିପାରି ନ ଥିଲେ। କାର୍ଯ୍ୟାଳୟ ବାହାରକୁ ଆସି ପାଟିତୁଣ୍ଡ କରିଥିଲେ। ଅଭିଯୋଗକାରୀମାନେ ଡାକବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏନେଇ ପୋଷ୍ଟମାଷ୍ଟର ମହାଲିକଙ୍କୁ ପଚାରିବାରୁ, ଅର୍ଥ ହଡ଼ପ ସମ୍ପର୍କରେ ସେ ଜାଣି ନାହାନ୍ତି। ତାଙ୍କର କୌଣସି ସମ୍ପୃକ୍ତି ନାହିଁ । ସେ କୌଣସି ଜମାକାରୀଙ୍କଠାରୁ ଜମା ବହି ଆଣିନାହାନ୍ତି ବୋଲି କହିଥିଲେ।

## ବିଦ୍ୟୁତ୍ ଆଘାତରେ ଠିକା ଶ୍ରମିକଙ୍କ ମୃତ୍ୟୁ

**କୋରେଇ,୧୦।୬(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ରଣପୁର ପଞ୍ଚାୟତ କଣ୍ଟାବଣିଆଠାରେ ଖୁଣ୍ଟରେ ଚଢି କାମ କରୁଥିବାବେଳେ ସୋମବାର ଜଣେ ଠିକା ଶ୍ରମିକଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋରେଇ ଥାନା ତାରାକୋଟ ଗ୍ରାମର ପ୍ରହ୍ଲାଦ ଜେନା (୨୪)। ଦୁଇଦିନ ତଳେ ହୋଇଥିବା କାଳବୈଶାଖୀରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯାଇଥିଲା। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲୁଥିବାବେଳେ ସୋମବାର କଣ୍ଟାବଣିଆଠାରେ କାର୍ଯ୍ୟ ଚାଲିଥିଲା। ଠିକାଦାର ଭାବେ ଠିକା ନେଇଥିବା ଶିଶିର ସାହୁ ତାରାକୋଟ ଅଞ୍ଚଳର ପ୍ରହ୍ଲାଦ ଓ ପ୍ରଶାନ୍ତ ଦୁଇ ଭାଇଙ୍କୁ କାମ କରିବାକୁ ଡାକି ନେଇଥିଲେ। ବରୁଣ୍ଡାଇ ବିଦ୍ୟୁତ୍ ବିଭାଗ ଲାଇନ୍‌ମ୍ୟାନ ଚନ୍ଦନ ସିହ୍ନାଙ୍କଠାରୁ ସର୍ଟଡାଉନ୍ ନେଇ ପ୍ରହ୍ଲାଦ ଖୁଣ୍ଟରେ ଚଢି କାମ କରୁଥିବାବେଳେ ହଠାତ୍ ଲାଇନ୍ ଚାର୍ଜ ହୋଇଯିବାରୁ ପ୍ରହ୍ଲାଦ ଖୁଣ୍ଟରୁ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ପ୍ରହ୍ଲାଦଙ୍କୁ କୋରେଇ ମେଡିକାଲକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଏ ନେଇ ପରିବାର ଲୋକ ଓ ଗ୍ରାମବାସୀ କୋରେଇ ମେଡିକାଲରେ

**ଡାକ୍ତରଖାନରେ ଉତ୍ତେଜନା**

ହୋ ହଲ୍ଲା କରିବା ସହ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଛି। ପରିବାର ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ବିନା ପରାମର୍ଶରେ କିପରି ଲାଇନ୍‌ମ୍ୟାନ ଲାଇନ୍ ଚାର୍ଜ କଲେ ଏବଂ ବିନା ଅନୁମତିରେ ସମ୍ପୃକ୍ତ ଠିକାଦାର ଠିକା ଶ୍ରମିକଙ୍କୁ କାର୍ଯ୍ୟରେ କିପରି ନିୟୋଜିତ କଲେ ସେ ନେଇ ପ୍ରଶ୍ନ ଉଠିଛି। କୋରାଇ ବିଦ୍ୟୁତ୍ ସେକ୍ସନ୍ ଯନ୍ତ୍ରୀ ରାମହରି ନାୟକଙ୍କୁ ପଚାରିବାରୁ, କଣ୍ଟାବଣିଆରେ ମରାମତି କାମ ଚାଲୁଥିବାର କୌଣସି ସୂଚନା ବିଭାଗକୁ ଦିଆଯାଇ ନ ଥିଲା। ଠିକାକାମ ନେଇଥିବା ଠିକାଦାର କାର୍ଯ୍ୟରେ ଠିକଶ୍ରମିକ ନିୟୋଜିତ କରିବାର ମଧ୍ୟ ସୂଚନା ଦିଆଯାଇ ନ ଥିଲା। ଏପରିକି ଶ୍ରମିକ ପ୍ରହ୍ଲାଦଙ୍କ ମୃତ୍ୟୁ ପାଇଁ ପରିବାର ପକ୍ଷରୁ ଦାବି କରାଯାଉଥିବା ଅନୁକମ୍ପା ରାଶି ପ୍ରଦାନ କରାଯିବାର କୌଣସି ନିୟମ ନ ଥିବା ସେ କହିଛନ୍ତି। ତେବେ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୂର୍ବତନ ଖବରକାଗଜ ବିତରକଙ୍କ ସନ୍ଦେହଜନକ ମୃତ୍ୟୁ
## ହତ୍ୟା ଅଭିଯୋଗ ଆଣିଲେ ସମ୍ପର୍କୀୟ

**ଦଶରଥପୁର,୧୦।୬(ଡି.ଏନ.ଏ.)**

ଦଶରଥପୁର ବ୍ଲକ ଅନ୍ତର୍ଗତ ଛଟିଣା ପଞ୍ଚାୟତ ଛଟିଣା ଗ୍ରାମର ପୂର୍ବତନ ଖବରକାଗଜ ବିତରକ ମାଧବ ଚନ୍ଦ୍ର ସାମଲ (କାଳିଆ)ଙ୍କ ସୋମବାର ମୃତ୍ୟୁ ହୋଇଛି। ମାଧବ ବାଡିରେ କାମ କରୁଥିବାବେଳେ ତାଙ୍କ ବଡଭାଇ, ପୁତୁରା, ଝିଆରି ଏବଂ ଝିଆରିଜ୍ୱାଇଁ ତାଙ୍କୁ ନିର୍ମମଭାବେ ହତ୍ୟା କରିଥିବା ମାଧବଙ୍କ ସମ୍ପର୍କୀୟ ବସନ୍ତ ସାମଲ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଥାନାଧିକାରୀ ଅସିତ୍ ମହାନ୍ତି ମାଧବଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ତାଙ୍କ ବଡଭାଇ କେଶବଙ୍କୁ ଥାନାକୁ ଆଣି ପଚରାଉଚରା କରି ସନ୍ଧ୍ୟାରେ ଛାଡିଦେଇଥିଲେ। ପରେ ମାଧବଙ୍କ ପୁତୁରା ଅର୍ଥାତ କେଶବଙ୍କ ପୁଅ ଆକାଶକୁ ଥାନାରେ ଅଟକ ରଖି ତଦନ୍ତ ଜାରିରଖିଥିବା ଥାନା ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଥାନାଧିକାରୀ ଘଟଣାସ୍ଥଳକୁ ଯାଇଥିବା ସମୟରେ ଶତାଧିକ ଗ୍ରାମବାସୀ ଏକଜୁଟ୍ ହୋଇ ମାଧବଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ପ୍ରକାଶ

**ପୁତୁରା ଥାନାରେ ଅଟକ**

କରିଥିଲେ। ମାଧବ ଅବିବାହିତ ଥିବାବେଳେ ପାରିବାରିକ ବିଶୃଙ୍ଖଳା ଯୋଗୁ ମାଧବଙ୍କୁ ପରିବାର ଲୋକେ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷରେ କେଶବଙ୍କ ସ୍ତ୍ରୀ ଏବଂ ପୁତୁରା ଆକାଶ ତାଙ୍କୁ ଗୁରୁତର ଅବସ୍ଥାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥବାବେଳେ ମାଧବ କନିଅର ଫଳ ଖାଇଥିଲେ ବୋଲି ଡାକ୍ତରଙ୍କୁ କହିଥିବା ପରିବାର ଲୋକେ କହିଛନ୍ତି। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳପୁର ଥାନାରେ ଏତଲା ହେବା ପରେ ପୋଲିସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଥାନାଧିକାରୀ ଅସିତ୍ ମହାନ୍ତିଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି। ଅଧିକ ତଥ୍ୟ ମିଳିବା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଭଡ଼ାଘରେ ଚାଲିଛି ପ୍ରାଣୀଧନ ଚିକିତ୍ସାଳୟ

**ରତ୍ନଗିରି,୧୦।୬(ଡି.ଏନ.ଏ.)**

ବରୀ ବ୍ଲକର ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ ଶେଷ ହୋଇଥିଲେ ବି ଏବେ ଏହା ଭଡାଘରେ ଚାଲୁଛି। ୧୯୯୮ରୁ ଏହି ଚିକିତ୍ସା କେନ୍ଦ୍ର ଆରମ୍ଭ ହୋଇ ଶେଷ ହୋଇଛି। ଏହି ଚିକିତ୍ସାଳୟ ରମ୍ପା ପଞ୍ଚାୟତର ମୁଖ୍ୟରାସ୍ତାକୁ ଲାଗିଥିବାରୁ ଏହା ଚିକିତ୍ସାକେନ୍ଦ୍ର ପାଇଁ ଉପଯୋଗୀ। ତେଣୁ ସରକାରଙ୍କ ତରଫରୁ ଗୃହ ନିର୍ମାଣ ନିମନ୍ତେ ୨୦୦୪-୦୫ ମସିହାରେ ଅର୍ଥ ମଞ୍ଜୁର ହୋଇଥିଲା। ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ବିଭାଗୀୟ ଅସାଧୁ ମେଣ୍ଟ ଯୋଗୁ ଉକ୍ତ ଚିକିତ୍ସାଳୟ ଗୃହ ଚିକିତ୍ସା ନିମନ୍ତେ ଉପଯୋଗୀ ହେଲାନାହିଁ। ପରବର୍ତ୍ତୀ ସମୟରେ ଆରଆଇଡିଏଫ ଯୋଜନାରେ ୮ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଅନ୍ୟ ଏକ ଗୃହ ନିର୍ମାଣ କରାଯାଇଥିଲା। ୧ ଏକକରରୁ ଉର୍ଦ୍ଧ୍ୱ ଜାଗାରେ ଏହି ଚିକିତ୍ସାଳୟ ନିର୍ମାଣ ହୋଇଛି। ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ବି ଉକ୍ତ ଗୃହକୁ ବିଦ୍ୟୁତ, ଜଳ ଯୋଗାଣ ହୋଇନାହିଁ। ସରକାରଙ୍କ ଦ୍ୱାରା ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିବା ଘରଗୁଡିକ ଭାଙ୍ଗିରୁଜି



- ଆରଆଇଡିଏଫ ଯୋଜନାରେ ୮.୫୦ ଲକ୍ଷ ବ୍ୟୟରେ ଗୃହ ନିର୍ମାଣ ହୋଇଥିଲା
- ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ହୋଇନାହିଁ
- ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଚିକିତ୍ସାକେନ୍ଦ୍ର ଗୃହ

ଯାଇଥିବା ଦେଖିବାକୁ ମିଳିଛି। ଗୃହ ନିର୍ମାଣ ଶେଷ ହେବା ଓ ପରବର୍ତ୍ତୀ ଅବସ୍ଥାରେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ନିର୍ମାଣାଧୀନ ଗୃହରେ ଛଣ, ଜାଳେଣି କାଠ ଆଦି ରଖୁଥିବା ଦେଖିବାକୁ ମିଳିଛି। ଏବେ ଏହି ଗୃହ ସରିସୃପ, ବୁଲା ଗୋରୁ ଓ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଆଡ୍ଡା ପାଲଟିଛି। ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିମାନେ ମଦ୍ୟପାନ କରୁଛନ୍ତି। ମହିଳାମାନେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାବେଳେ ବରୀର ବ୍ୟବସାୟିକ ପେଣ୍ଠ ସ୍ଥଳ ବରୀ ମାଉଣ୍ଡରୁ ଯାତାୟତ କରୁଥିବା ମହିଳାମାନେ ଦୁର୍ବ୍ୟବହାରର ଶିକାର ହୋଇଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇ ଏହି ଜାଗାକୁ ସଂଲଗ୍ନ ହୋଇ ରହିଥିବା ନାଳ ଉପରେ ଦୁଇ ଦୁଇଥର ପୋଲ ନିର୍ମାଣ ସରିଲାଣି। ପ୍ରଥମ ପୋଲଟି ରାସ୍ତାଠାରୁ ନିଚା ଥିବାରୁ ପୁନର୍ବାର ଆଉ ଏକ ପୋଲ ନିର୍ମାଣ ହୋଇଥିଲା। ପୋଲ ନିର୍ମାଣ ସରିଥିଲେ ମଧ୍ୟ ପ୍ରାଣୀଧନ ଚିକିତ୍ସାଳୟକୁ ସ୍ଥାନାନ୍ତର କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ପଶୁ ଚିକିତ୍ସା କେନ୍ଦ୍ର ବରୀ ଉପଖଣ୍ଡ ଡାକ ଘର ଓ ବରୀ ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ନିକଟ ରାସ୍ତାକଡ଼ରେ ଏକ ଭଡାଘରେ ଚାଲୁଛି। ପଶୁମାନେ ରାସ୍ତା ଉପରକୁ ଆସିଯିବାରୁ ରାସ୍ତା ଅବରୋଧ ହେବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ବରୀ ବ୍ଲକ ପ୍ରାଣୀ ଚିକିତ୍ସକ ଭକ୍ତ ଚରଣ ସେଠୀଙ୍କୁ ପଚାରିବାରୁ, ବିଦ୍ୟୁତ ଓ ପାନୀୟ ଜଳ ସୁବିଧା ନ ଥିବାରୁ ଚିକିତ୍ସା କରିବା ସମ୍ଭବ ନୁହେଁ। ଯେତେଶୀଘ୍ର ବିଦ୍ୟୁତ୍ ଓ ପାନୀୟଜଳର ବ୍ୟବସ୍ଥା କରାଯିବ ସେଠାରେ ଚିକିତ୍ସା ଯୋଗଇ ଦିଆଯିବ। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ବରୀର ନବ ନିର୍ବାଚିତ ବିଧାୟିକା ସୁନନ୍ଦା ଦାସ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରାଣୀଧନ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ତୁଳସୀ ମହିଳା ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ ଖୋଲିଲା

**କେନ୍ଦ୍ରାପଡା ଅଫିସ, ୧୦।୬:** ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ପାଠ୍ୟକ୍ରମରେ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ ପାଇଁ ଚଳିତ ବର୍ଷ ଠାରୁ ନାମଲେଖା ହେବ । ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି ବୋଲି ଅଧକ୍ଷ ଡ. ସ୍ମୃତିରଞ୍ଜନ ବେହେରା ସୋମବାର ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି । ଡ. ବେହେରା ପ୍ରକାଶ କରିଛନ୍ତି ଯେ, ଏହି ପାଠ୍ୟକ୍ରମ ଖୋଲିବାରେ ତୁଳସୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲାରେ ସର୍ବପ୍ରଥମ। ଏଥିରେ ୬୪ ଜଣ ଛାତ୍ରୀ ୨୦୧୯ ଶିକ୍ଷାବର୍ଷରୁ ଶିକ୍ଷାଗ୍ରହଣ କରିପାରିବେ।

### ଗଛରୁ ପଡ଼ି ଯୁବକ ମୃତ

**ଡେରାବିଶ, ୧୦।୬ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ବସପୁର ପଞ୍ଚାୟତ ନରହରିପୁର ଗ୍ରାମର ଦୁର୍ଯ୍ୟୋଧନ ଜେନାଙ୍କ ପୁଅ କିଶୋର କୁମାର (୩୫)ଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ନଡ଼ିଆ ଗଛରେ ଚଢ଼ି ହାଣୁଥିବା ବେଳେ ଗଛରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ୧୬ରେ ରୋଟାରୀ କ୍ଲବ ପ୍ରତିଷ୍ଠା ଦିବସ

**ପଟ୍ଟାମୁଣ୍ଡାଇ, ୧୦।୬ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇରେ ରୋଟାରୀ କ୍ଲବ ପ୍ରତିଷ୍ଠା ପାଇଁ ବହୁ ଦିନରୁ ଚାଲିଥିବା ଉଦ୍ୟମ ସଫଳ ହୋଇଛି। ୨୦୧୯ ଫେବୃଆରୀ ୭ ତାରିଖରେ ପଟ୍ଟାମୁଣ୍ଡାଇଠାରେ ରୋଟାରୀ କ୍ଲବ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା ହୋଇଛି। ଆସନ୍ତା ୧୬ ତାରିଖରେ ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ ଉତ୍ସବ ଅନୁଷ୍ଠିତ ହେବ। ପୋଖରିଆପଡ଼ାସ୍ଥିତ ପତିତପାବନ ମନ୍ଦିରଠାରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ରୋଟାରିଆନ୍ ସୂର୍ଯ୍ୟରଞ୍ଜନ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ରୋଟାରିଆନ୍ ତପନ କୁମାର ମିଶ୍ର, ଡ. ନରହରି ଲେଙ୍କା, ପ୍ରତାପ ଚନ୍ଦ୍ର ପାଢୀ, ପ୍ରଦୀପ୍ତ ପ୍ରଧାନ, ବିରେନ୍ ପ୍ରତାପ ଜେନା, ରବୀନ୍ଦ୍ର ଦାଶ, ଚିନ୍ମୟ ସ୍ୱାଇଁ, ମନୋଜ ନାୟକ, ହୃଦାନନ୍ଦ ମହାନ୍ତି, ହେମନ୍ତ ମହାନ୍ତି, ହେମନ୍ତ ସାହୁ, ସୁଶାନ୍ତ ବାରିକ, ଡା. ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ସ୍ୱାଧୀନ ସଂଗ୍ରାମୀଙ୍କ ବିୟୋଗ

**କେନ୍ଦ୍ରାପଡା ଅଫିସ, ୧୦।୬:** କେନ୍ଦ୍ରାପଡା ଜିଲାର ସ୍ୱାଧୀନତା ସଂଗ୍ରାମୀ କୁମର ମିଶ୍ର(୯୨)ଙ୍କ ସୋମବାର ସଂନ୍ଧ୍ୟାରେ ବିୟୋଗ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଏହି ଖବରଶୁଣିବା ପରେ ସହରର କଜଳାସ୍ଥିତ ବାସଭବନରେ ବହୁ ରାଜନେତା ଓ ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

■ ଜିଲାରେ ବଢୁଛି ବାଂଲାଦେଶୀ ସମସ୍ୟା

# ଅନୁପ୍ରବେଶକାରୀଙ୍କ ପୁନଃ ଚିହ୍ନଟ ଦାବି

■ ଗୋଟିଏ ପରିବାରକୁ ୪ ପ୍ରକାର ଜାତି ପ୍ରମାଣପତ୍ର ଅଭିଯୋଗ
■ ସ୍ଥାନାନ୍ତର ହୋଇନାହାନ୍ତି ୧୬୪୯ ଚିହ୍ନଟ ଅନୁପ୍ରବେଶକାରୀ

**କେନ୍ଦ୍ରାପଡା ଅଫିସ, ୧୦।୬**

କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳରେ ବାଂଲାଦେଶୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥାନୀୟ ପ୍ରଶାସକ ଓ ରାଜନେତା ଏହାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ୨୦୦୫ରେ ଚିହ୍ନଟ ହୋଇଥିବା ୧୬୪୯ ବାଂଲାଦେଶୀଙ୍କୁ ଅଦ୍ୟାବଧି କେନ୍ଦ୍ରାପଡା ଜିଲାରୁ ସ୍ଥାନାନ୍ତର କରାଯାଇନାହିଁ। ଅପରପକ୍ଷେ ପୂର୍ବତନ ଜିଲାପାଳ ଦାଶରଥି ଶତପଥୀଙ୍କ ଦ୍ୱାରା ଚିହ୍ନଟ ବାଂଲାଦେଶୀ ମହାକାଳପଡା ବ୍ଲକ ଅନ୍ତର୍ଗତ ବରକୋଳିଖଳା ଗ୍ରାମର ଅମିତ ରାୟ ସାଧାରଣ ନିର୍ବାଚନରେ ମତଦାନ କରିଛନ୍ତି। ଏନେଇ ଜିଲାର ବହୁ ବୁଦ୍ଧିଜୀବୀ ଓ ସୂଚନା ଅଧିକାର କର୍ମୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଅନୁପ୍ରବେଶକାରୀଙ୍କୁ ପୁନଃ ଚିହ୍ନଟ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ମହାକାଳପଡା ତହସିଲ ଅନ୍ତର୍ଗତ ରାମନଗର ଅଞ୍ଚଳର ଗୌରବର କୁହନ୍ତି, ୨୦୧୮ରେ ରାଜସ୍ୱ ଆୟୁକ୍ତଙ୍କୁ ସେ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଗ୍ରାମର ଗୋଟିଏ ପରିବାରର ସଦସ୍ୟଙ୍କୁ ୪ ପ୍ରକାର ଜାତିଗତ ପ୍ରମାଣପତ୍ର ଦିଆଯାଇଛି । ଏହି ଜାତିଗତ ପ୍ରମାଣପତ୍ର ଆଧାରରେ ରାଶନଠାରୁ ଚାକିରି ପର୍ଯ୍ୟନ୍ତ ସୁବିଧା ପାଇଛନ୍ତି । ମାତ୍ର ଗୌର ଜଣେ ଅନୁସୂଚିତ ଜାତିର ବ୍ୟକ୍ତି ହୋଇ ମଧ୍ୟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସେ କହିଛନ୍ତି, ଗ୍ରାମର ଏହି ବ୍ୟକ୍ତି ଯୋଗୀ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ଯୋଗୀ, ମାହେଶ, ପ୍ରଧାନ ଓ ନମସୁଦ୍ର ଜାତିଗତ ପ୍ରମାଣ ସ୍ଥାନୀୟ ତହସିଲଦାରଙ୍କ ଠାରୁ ହାସଲ କରିଛନ୍ତି । ଏନେଇ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ୨୦୧୭ ଏପ୍ରିଲ ୭ରେ ଏହି ମାମଲାର ଶୁଣାଣି ହୋଇଥିଲା। ୩ ମାସ ମଧ୍ୟରେ ଜିଲାପାଳ ଏହି ଘଟଣାର ତଦନ୍ତ କରି ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ମାମଲାର ତଦନ୍ତ ଅବା କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ହୋଇନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅନ୍ୟତମ ଅଭିଯୋଗକାରୀ ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି , ସ୍ଥାନୀୟ ଅଞ୍ଚଳରେ ଏହି ସମସ୍ୟା ଲାଗି ରହିଛି । ୧୯୫୦ ଫେବୃଆରୀରେ ପୂର୍ବ ପାକିସ୍ତାନ (ବାଂଲାଦେଶ)ରେ ଯୁଦ୍ଧ ହୋଇଥିଲା । ସେଠାରେ ଜୀବନ ଦୁର୍ବିଷହ ହେତୁ ଭାରତକୁ ୨୫ ହଜାରରୁ ଅଧିକ ଶରଣାର୍ଥୀ ପଳାଇ ଆସିଥିଲେ । ସେତେବେଳେ କେନ୍ଦ୍ରାପଡାକୁ ଆସିଥିବା ୧୨୩୭ ଜଣ ଶରଣାର୍ଥୀଙ୍କୁ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଥଇଥାନ କରାଯାଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୭୦ ହଜାରରୁ ଅଧିକ ହେଲାଣି ।

ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ରଞ୍ଜନ ଦାସ କୁହନ୍ତି, ଜିଲାର ୪୮ କିଲୋମିଟର ଲମ୍ବ ଖୋଲାମେଲା ସୁରକ୍ଷା ବିହୀନ ସମୁଦ୍ର ଉପକୂଳ ଦେଇ ଅନୁପ୍ରବେଶ ବୃଦ୍ଧି ପାଇବାରେ ଲାଗିଛି। ଜିଲାର ତାଳଚୁଆ, ରଙ୍ଗଣୀ, ଗୁପ୍ତି, ଡାଙ୍ଗମାଳ, ଭିତରକନିକା, ଗହୀରମଥା, ଅହିରାଜପୁର, ଭେଙ୍କ୍ଟ, ଅମରାବତୀ, ମଞ୍ଜୁଳାପଲ୍ଲୀ, କନକନଗର, ରାମନଗର, ଜମ୍ବୁ, ଖରନାସୀ, ସୁନିତି, ବଟିଘର, ପିତାପାଟ ଆଦି ଅଞ୍ଚଳରେ ୯୦ରୁ ୯୫ ପ୍ରତିଶତ ବାଂଲାଦେଶୀ ରହିଛନ୍ତି । ପ୍ରାପ୍ତ ତଥ୍ୟ ଅନୁସାରେ, ୧୯୮୯ରେ କେବଳ ରାଜନଗର ତହସିଲ ଅଧୀନରେ ଥିବା ୨୧୭ ଗ୍ରାମରେ ୨,୯୩୨ ଏକର ଜମି ବେଆଇନ ଦଖଲକାରୀଙ୍କ ନାମରେ ଥିଲା। ସେଥିମଧ୍ୟରୁ ଅନୁପ୍ରବେଶକାରୀଙ୍କ ଦଖଲରେ ପ୍ରାୟ ୧୫୦୦ ଏକର ଜମି ଥିଲା ବୋଲି ଜଣାପଡ଼ିଛି । ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କୁହନ୍ତି, ଜିଲା ତଥା ଦେଶର ସୁରକ୍ଷା ପାଇଁ ଅନୁପ୍ରବେଶକାରୀଙ୍କ ପୁନଃ ଚିହ୍ନଟ ହେବା ଆବଶ୍ୟକ । ଏ ସମ୍ପର୍କରେ ଉପଜିଲାପାଳ ସଞ୍ଜୟ ମିଶ୍ର କୁହନ୍ତି, ଅନୁପ୍ରବେଶ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ଆସିଛି । ପ୍ରଶାସନିକ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଗତ ନିର୍ବାଚନ ସମୟରେ ଦେଶାନ୍ତର ନୋଟିସ ପାଇଥିବା ୧୩୭ ଜଣଙ୍କ ନାମ ଭୋଟର ତାଲିକାରୁ କାଟିଦିଆଯାଇଛି । ଅନୁପ୍ରବେଶକୁ ରୋକିବା ପାଇଁ ଜିଲାର ୩ ସାମୁଦ୍ରିକ ଥାନା ରହିଛି। ଏଥିସହ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ଚିହ୍ନଟ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ନିକଟରେ ଆରମ୍ଭ ହେବ । ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଛି ।

### ଚାନ୍ଦୋଳ ବ୍ୟବସାୟୀ ସଂଘର ପ୍ରସ୍ତାବିତ ଗଣଧାରଣା ବନ୍ଦ

**ଡେରାବିଶ, ୧୦।୬ (ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ଦାବିରେ ଚାନ୍ଦୋଳ ବ୍ୟବସାୟୀ ସଂଘ ପକ୍ଷରୁ ୧୧ ତାରିଖରେ ଗଣଧାରଣା ଦିଆଯିବାକୁ ସ୍ଥିର କରାଯାଇଥିଲା। ତେବେ ସୋମବାର ଅପରାହ୍ନରେ ସ୍ଥାନୀୟ ତହସିଲଦାର ସସ୍ମିତ କୁମାର ଶତପଥୀ ବ୍ୟବସାୟୀ ସଂଘ ସହ ଆଲୋଚନା କରିଛନ୍ତି। ଏଥିସହ ୧୧ ତାରିଖରେ ଅତିରିକ୍ତ ତହସିଲଦାର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଚାନ୍ଦୋଳ ବଜାରଠାରେ ପହଞ୍ଚି ଶୌଚାଳୟ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ବ୍ୟବସାୟୀ ସଂଘ ପକ୍ଷରୁ ହେବାକୁ ଥିବା ଗଣଧାରଣା ବନ୍ଦ କରାଯାଇଥିବା ସଂଘ ସମ୍ପାଦକ ରତ୍ନାକର ନାୟକ, ମିହିର କୁମାର ସାମଲ, ସାମାଜିକ କର୍ମୀ ସରୋଜକାନ୍ତ ପଣ୍ଡା, କୈଳାସ କୁମାର କର ସୂଚନା ଦେଇଛନ୍ତି।

■ ପାରିବାରିକ କଳହର କରୁଣ ପରିଣତି

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡେରାବିଶ, ୧୦।୦୬(ସ୍ୱ.ପ୍ର.)**

ଡେରାବିଶ ଥାନା ଅନ୍ତର୍ଗତ ବଳଭଦ୍ରପୁର ପାଟ ମଝିରେ ଥିବା ଏକ ଲିମ୍ବ ଗଛରୁ ସୋମବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ କେଉଟ କଣ୍ଡିଆ ଗ୍ରାମର ଗୁନ ଚରଣ ସେଠୀଙ୍କ ସ୍ତ୍ରୀ ରୀତା(୩୭)। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ମୃତଦେହ ଜବତ କରି ତଦନ୍ତ କାର୍ଯ୍ୟ ଜାରି ରଖିଛି। ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପ୍ରାଥମିକ ତଦନ୍ତରୁ ଆଶଙ୍କା କରାଯାଉଛି। ରବିବାର ଗୁନ ଓ ରୀତାଙ୍କ ମଧ୍ୟରେ ପାରିବାରିକ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ହୋଇଥିଲା । ଏହାପରେ ପୂର୍ବାହ୍ନରୁ ରୀତା ଘର ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ । ସୋମବାର ସକାଳେ ସ୍ଥାନୀୟ ଲୋକେ ବିଲକାମ କରିବାକୁ ଯାଇଥିବା ବେଳେ ଲିମ୍ବ ଗଛରେ ସମ୍ପୃକ୍ତ ମହିଳାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସରେ ଖବର ଦେଇଥିଲେ। ଖବରପାଇ ରାଜନଗର ଥାନା ଅନ୍ତର୍ଗତ ଭାତପଡ଼ା ଗ୍ରାମର ରୀତାଙ୍କ ଭାଇ ନବକିଶୋର ସେଠୀ ଡେରାବିଶ ଥାନାରେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ ୮୧/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ପୋଲିସ ସ୍ୱାମୀଙ୍କୁ ଗିରଫ କରି ପଚରାଉଚୁରା ଜାରି ରଖିଛି।

## ୧୯୮୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ, ୧୦।୬ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳ ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ ସଭାପତିତ୍ୱ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ, ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ଦାଶ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଆରାଧନା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ଶିକ୍ଷକମାନ ରାଜ କୁମାର ବିଶ୍ୱାଳ, କାଙ୍ଗାଳୀ ଚରଣ ଦାସ, ପର୍ଶୁରାମ ବିଶ୍ୱାଳ, ନନ୍ଦ କିଶୋର ଭୂୟାଁ, ସୁବାସ ଚନ୍ଦ୍ର ମଜୁମଦାର, କପିଳ ଚରଣ ପଣ୍ଡା, ଆହ୍ଲାଦିନୀ ଭଦ୍ର, ସୁଶୀଳ କୁମାର ବିଶ୍ୱାଳ, ବିଚିତ୍ର କୁମାର ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଳତୀ ବିଶ୍ୱାଳ, ଶାନ୍ତିଲତା ଦାଶ, କାଦମ୍ବିନୀ ନାଥଶର୍ମା, ପ୍ରମିଳା ବିଶ୍ୱାଳ, ମୁଲତା ସାହୁ, କଲ୍ୟାଣ ବିଶ୍ୱାଳ, ବନଲତା ଭଞ୍ଜ, ସ୍ନେହଲତା ପଣ୍ଡା, ମନୋରଞ୍ଜନ ବିଶ୍ୱାଳ, ରଜନୀକାନ୍ତବିଶ୍ୱାଳ, ଶ୍ରଦ୍ଧାଳି ନାଥଶର୍ମା, ପ୍ରଶାନ୍ତ ନାଥଶର୍ମା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରେମାନନ୍ଦ ନାଥଶର୍ମା ଧନ୍ୟବାଦ ଦେଇଥିଲେ।

କେନ୍ଦ୍ରାପଡା ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା

## ବିରୂପା ନଦୀରୁ ପାନୀୟ ଜଳ ସଂଗ୍ରହ ପ୍ରସ୍ତାବ

**କେନ୍ଦ୍ରାପଡା ଅଫିସ, ୧୦।୬**



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅତିଥିମାନେ।

କେନ୍ଦ୍ରାପଡା ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟର ସୋମବାର ସମୀକ୍ଷା କରାଯାଇଛି । ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆମ ଗାଁ, ଆମ ବିକାଶ, ବାସଗୃହ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଗୃହ ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ବ୍ଲକ ଅନ୍ତର୍ଗତ ଇନ୍ଦୁପୁର, ଧୂମାତ, ଘାଘରା, ଚାରିଗାଁ, ନିକିରାଇ, କୁତୁରଙ୍ଗ, ଡୋଲ, କୋରୋ, ଗାଙ୍ଗପଡା, ପଳସିଂହା, ସାନମାଣତିଆ, ଚନ୍ଦନପୁର ଓ କେଶପୁର ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର ପାଇଁ ବିରୂପା ନଦୀକୁ ବ୍ୟବହାର କରି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ବିଡିଓ ସୁଧୀର କୁମାର ସିଂହ ସୂଚନା ଅନୁଯାୟୀ, ଆମ ଗାଁ ଆମ ବିକାଶ ଯୋଜନାରେ ବ୍ଲକର ୭କୋଟି ୩୬ଲକ୍ଷ ଟଙ୍କା ବ୍ୟୟରେ ୨୭୮ ପ୍ରକଳ୍ପ ମଞ୍ଜୁର ହୋଇଛି। ଏଥିମଧ୍ୟରୁ ୨୫ ଲକ୍ଷ ୫୭ହଜାର ଟଙ୍କାର ୭ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୮- ୧୯ ଆର୍ଥିକ ବର୍ଷରେ ଏକ କୋଟି ୫୪ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ଅଟକଳରେ ୧୦୩ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୨୦ଲକ୍ଷ ଟଙ୍କାର ୧୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ସେହିପରି ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୧୨ ଅଙ୍ଗନୱାଡି ଗୃହ ମଧ୍ୟରୁ ୨୪ ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ଲକରେ ୧୧୭୦ ଗୃହ ନିର୍ମାଣ ପାଇଁ ଚଳିତ ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମଧୁବାବୁ ପେନସନ ଯୋଜନାରେ ବ୍ଲକର ୯ହଜାର ୩୬୯ ହିତାଧିକାରୀ ଭତ୍ତା ପାଉଥିବା ବେଳେ, ଜାତୀୟ ଭତ୍ତା ଯୋଜନାରେ ୮,୨୫୬ଜଣ ଭତ୍ତା ପାଉଛନ୍ତି। ୨୦୦ଭତ୍ତା ଦରଖାସ୍ତ ବ୍ଲକରେ ଥିବା ବେଳେ ଆଉ ୭୦୦ ହିତାଧିକାରୀଙ୍କ ପାଇଁ ଅର୍ଥ ବ୍ୟବସ୍ଥା ଆବଶ୍ୟକତା ରହିଛି। ଏଥିସହ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକର ଉତ୍ପାଦକୁ ବିକ୍ରୀ କରିବା ନିମନ୍ତେ ଏକ ଗ୍ରାମ୍ୟ ବଜାର ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ବୈଠକରେ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମପି ମହାନ୍ତି ଓ ବିଧାୟକ ବେହେରା ବ୍ଲକରେ ପିସି କାରବାରକୁ ବନ୍ଦ କରିବା ଓ ବର୍ଷା ପୂର୍ବରୁ ସମସ୍ତ ଉନ୍ନୟନ କାର୍ଯ୍ୟ ଶେଷ କରିବାକୁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ବ୍ଲକ ପ୍ରଶାସନର କର୍ମଚାରୀ ଓ ଲୋକପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ପାନୀୟ ଜଳ ପାଇଁ ଲୋକେ ଡହଳବିକଳ: ମରାମତି ଦାବି

**ରାଜକନିକା, ୧୦।୬,(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତ ଅଧୀନ କଣ୍ଡିଆ ଫାଣ୍ଡି ନିକଟରେ ଥିବା ପାଇପ୍ ପାନୀୟ ଜଳ ପ୍ରକଳ୍ପର ମାଟି ତଳେ ଯାଇଥିବା ଏକ ପାଇପ୍ ପ୍ରାୟ ଏକ ମାସ ହେବ ଫାଟି ଯାଇଛି । ପାଣି ନଷ୍ଟ ହେଉଥିବାରୁ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା କଣ୍ଡିଆ ଓ ରସିକନଗର ଗ୍ରାମର ପ୍ରାୟ ୬୦୦ ଲୋକ ଡହଳ ବିକଳ ହେଉଛନ୍ତି । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜୀବନ ଦୁର୍ବିଷହ ହୋଇ ପଡିଥିବା ବେଳେ ପାନୀୟ ଜଳର ଅଭାବ ଲୋକଙ୍କ ପାଇଁ କାଳ ହୋଇଛି । ଏହି ପାଇପରୁ ପାଣି ବାହାରି ନିକଟସ୍ଥ ଏକ ପୋଖରୀକୁ ଚାଲିଯାଉଥିବା ବେଳେ କାହାରି ଦୃଷ୍ଟି ପଡୁନାହିଁ । ଅପରପକ୍ଷରେ ପାଇପରୁ ଦୂଷିତ ପାଣି ବାହାରୁଛି । ଏହି ଜଳ ପିଇ ଲୋକେ ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଚରପଡା ପଞ୍ଚାୟତର ସରପଞ୍ଚ, ରାଜକନିକା ବିଡ଼ିଓ ତଥା ରାଜକନିକା ପାନୀୟ ଜଳ ପ୍ରକଳ୍ପ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ପ୍ରତିକାର ହେଉନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତୁରନ୍ତ ପାଇପ୍ ମରାମତି କରିବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

■ ବାତ୍ୟାରେ ଭାଙ୍ଗିଛି ଶ୍ରେଣୀଗୃହ, ପାଚେରି

## ମରାମତି ଦିଗରେ ଦୃଷ୍ଟି ଦେବାକୁ ଦାବି

**ଡେରାବିଶ, ୧୦।୬ (ସ୍ୱ.ପ୍ର.)**

ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟ



ଭୁଶୁଡ଼ି ପଡ଼ିଥିବା ପାଚେରି।

ଗତ ମେ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଚାଷ କ୍ଷେତ କ୍ଷତିଗ୍ରସ୍ତ ହେବା ସହ ବିଭିନ୍ନ ବିଦ୍ୟାଳୟ ଓ କଲେଜ ଗୃହ ମଧ୍ୟ ଭାଙ୍ଗିରୁଜି ଯାଇଛି। ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଡାଳିଜୀସ୍ଥିତ ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟର କେତେକ ଶ୍ରେଣୀଗୃହ ସମେତ ପାଚେରି ଓ ଗେଟ୍ ମଧ୍ୟ ଭାଙ୍ଗି ଯାଇଛି। ବାତ୍ୟାକୁ ଇତିମଧ୍ୟରେ ମାସାଧିକ କାଳ ବିତି ଥିଲେ ହେଁ ଏହାର ମରାମତି ଦିଗରେ ସରକାରୀସ୍ତରରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ୧୯୯୩ରେ ପ୍ରତିଷ୍ଠା କରାଯାଇଥିବା ଏହି ସଂସ୍କୃତ ମହାବିଦ୍ୟାଳୟ ସରକାରୀ ସ୍ୱୀକୃତି ପାଇଥିବା ବେଳେ ଏହାର ମରାମତି ଦିଗରେ ଦୃଷ୍ଟି ଦିଆଯାଉ ନଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ରଜ ପରେ କଲେଜ ଖୋଲିଲେ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଶ୍ରେଣୀଗୃହ ମରାମତି ସହ ପାଚେରି ନିର୍ମାଣ ଦିଗରେ ସରକାର ଦୃଷ୍ଟି ଦେବାକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାଶ ଦାବି କରିଛନ୍ତି।

# ବିଜେଡି, ଭାଜପା ପାଇଁ ସମ୍ମାନର ପ୍ରଶ୍ନ

**କେନ୍ଦ୍ରାପଡା ଅଫିସ, ୧୦।୬**

ପାଟକୁରା ବିଧାନସଭା ନିର୍ବାଚନ

ସାଧାରଣ ନିର୍ବାଚନ ସରି କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ହୋଇଛି । ଇତିମଧ୍ୟରେ ବନ୍ଦ ରହିଥିବା ପାଟକୁରା ବିଧାନସଭା ନିର୍ବାଚନ ଆସନ୍ତା ଜୁଲାଇ ୫ ପୂର୍ବରୁ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିଶନ ମଙ୍ଗଳବାର ଅଥବା ବୁଧବାର ସୁଦ୍ଧା ବିଜ୍ଞପ୍ତି ପ୍ରକାଶ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ରାଜନୀତି ସରଗରମ ହୋଇଉଠିଛି । କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଗଠନ କରିଥିବାରୁ ଦୁଇ ଦଳ ପାଇଁ ଏହି ଆସନ ସମ୍ମାନର ପ୍ରଶ୍ନ ହୋଇଛି । ଏହି ଆସନ ପାଇଁ ଗତ ଏପ୍ରିଲ ୨୯ ରେ ନିର୍ବାଚନ ହୋଇଥାନ୍ତା । ତେବେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ଓ ପରେ ସାମୁଦ୍ରିକ ଝଡ ଫନୀ ପାଇଁ ଏଠାରେ ହେବାକୁ ଥିବା ନିର୍ବାଚନକୁ ୨ ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ଏହି ଆସନ ପାଇଁ ଏବେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବେଦପ୍ରକାଶଙ୍କ ମୃତ୍ୟୁପରେ ବିଜେଡିରୁ ତାଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ପ୍ରାର୍ଥୀ ହୋଇଛନ୍ତି । ସେହିପରି ଭାଜପାରୁ ବିଜୟ ମହାପାତ୍ର ଓ କଂଗ୍ରେସରୁ ଜୟନ୍ତ ମହାନ୍ତି ଏହି ଆସନ ପାଇଁ ଲଢୁଛନ୍ତି । ଏହି ୩ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀଙ୍କ ସହ ଅନ୍ୟ ୭ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ସ୍ୱାଧୀନ ଥିବା ବେଳେ ଜଣେ ସମାଜବାଦୀ ଓ ଅନ୍ୟ ଜଣେ କୃପା ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି।

ଚଳିତ ବିଧାନସଭା ନିର୍ବାଚନରେ ବିଜେଡି ରାଜ୍ୟର ୧୪୬ ଆସନ ମଧ୍ୟରୁ ୧୧୨ ଆସନ ଅକ୍ତିଆର କରି ଶାସନଭାର ହାତେଇଛି । ଏଥିରେ କେନ୍ଦ୍ରାପଡା ଲୋକସଭା ସହ ଜିଲାର ଅନ୍ୟ ୪ ଆସନରେ ବିଜେଡି ବିଜୟୀ ହୋଇଛି । ୨୦୧୪ ବିଧାନସଭା ନିର୍ବାଚନରେ ସ୍ୱର୍ଗତ ବେଦପ୍ରକାଶ ବିଜୟୀ ହୋଇଥିଲେ। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ୩୯ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ । ଏବେ ଶେଷ ହୋଇଥିବା ନିର୍ବାଚନରୁ ଏହି ନିର୍ବାଚନ ମଣ୍ଡଳୀରୁ ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ଠାରୁ ମାତ୍ର ୬ ହଜାର ଅଧିକ ଭୋଟ ପାଇଛନ୍ତି। ଏହି ଭୋଟହାରକୁ ଦୃଷ୍ଟିରେ ରଖି ବିଜେଡି ରଣନୀତି ସ୍ଥିର କରିଥିବା ସୂଚନା ମିଳିଛି । ଏହି ଆସନକୁ ହାତେଇବା ପାଇଁ ପ୍ରତି ଦୁଇଟି ପଞ୍ଚାୟତ ପାଇଁ ବିଜେଡିର ଜଣେ ବିଧାୟକ ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି।

ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ୨୬ ପଞ୍ଚାୟତର ଦାୟିତ୍ୱ ମନ୍ତ୍ରୀ ଅରୁଣ ସାହୁ ଓ ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ରହିବେ । ଗରଦପୁର ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତ ନିର୍ବାଚନ ପରିଚାଳନା ଦାୟିତ୍ୱ ମନ୍ତ୍ରୀ ପ୍ରଫୁଲ ମଲ୍ଲିକଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଂଯୋଜନା କରିବେ । ସେହିପରି ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତର ନିର୍ବାଚନୀ ପରିଚାଳନା ଦାୟିତ୍ୱ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉପରେ ରହିବ । ଆଳି ବିଧାୟକ ପ୍ରତାପ କେଶରୀ ଦେବ ପାଟକୁରା ବିଧାନସଭା ନିର୍ବାଚନକୁ ତଦାରଖ କରିବେ । ଅପରପକ୍ଷେ ରାଜ୍ୟ ରାଜନୀତିରେ ଭାଜପା ପ୍ରାର୍ଥୀ ବିଜୟ ଜଣେ ଚର୍ଚ୍ଚିତ ବ୍ୟକ୍ତି । ପୂର୍ବରୁ ଏହି ଆସନରେ ସେ ବିଜୟୀ ହୋଇଛନ୍ତି । ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବାରେ ମଧ୍ୟ ଧୁରନ୍ଧର। ସେ ଗତ ପଞ୍ଚାୟତ ନିର୍ବାଚନରେ ନିଜର କରିସ୍ମା ଦେଖାଇଛନ୍ତି । ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଣେ ହେଲେ ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇ ନ ଥିବା ବେଳେ ୨୦୧୭ରେ ତାଙ୍କ ନେତୃତ୍ୱରେ ଜିଲାର ୩୨ଟି ଆସନ ମଧ୍ୟରୁ ୧୦ ଆସନକୁ ଅକ୍ତିଆର କରିଛନ୍ତି । ଏଥିସହ ଚଳିତ ଲୋକସଭା ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରତି ଭୋଟ ପ୍ରତିଶତ ବଢ଼ିଛି। ଫଳରେ ପାଟକୁରାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ରାଜନୈତିକ ପଣ୍ଡିତମାନେ କହିଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କୁହନ୍ତି, ରାଜ୍ୟବାସୀଙ୍କର ନବୀନଙ୍କ ଉପରେ ଭରସା ରହିଛି । ଏଥିସହ ସ୍ୱର୍ଗତ ବେଦପ୍ରକାଶଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଜେଡି ପ୍ରାର୍ଥୀ ସାବିତ୍ରୀଙ୍କୁ ଜିତାଇବାରେ ସହାୟକ ହେବ । ଭାଜପାର ରାଜ୍ୟ ଉପସଭାପତି ଭୁବନମୋହନ ଜେନାଙ୍କ କହିବାନୁସାରେ, ବିଜୟ ମହାପାତ୍ରଙ୍କ ନିଷ୍ଠା ପ୍ରତି ପାଟକୁରା ନିର୍ବାଚନମଣ୍ଡଳୀର ଭୋଟରଙ୍କ ଆସ୍ଥା ରହିଛି । କେନ୍ଦ୍ରାପଡାର ବାସ୍ତବ ଚିତ୍ର ବିଜୟ ବିଧାନସଭାରେ ଉପସ୍ଥାପନ କରି ପାରିବେ ବୋଲି ଭୋଟର ଜାଣିଛନ୍ତି । ସେହିପରି କଂଗ୍ରେସ ଜିଲା ସଭାପତି ଚିନ୍ମୟ ବେହୁରା କୁହନ୍ତି, ଗତ ନିର୍ବାଚନରୁ କଂଗ୍ରେସ ନିଜର ଭୁଲ ସୁଧାରିବାକୁ ଆରମ୍ଭ କରିଛି । ସଂଗଠନ ମଜବୁତ୍ କରି ନିର୍ବାଚନରେ ଜିତିବାକୁ ପ୍ରୟାସ କରିବ । ଏଠାରେ ପ୍ରାର୍ଥୀ ଜୟନ୍ତ ମହାନ୍ତି ହିଁ ଜିତିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଜୁନ୍, ୨୦୧୯



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରାଇପାରିବେ।
- ମଦନମୋହନ ମାଲବ୍ୟ



## ସଂକ୍ଷେପରେ

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

### ଜେଲ ଗଲେ ପ୍ରେମିକ

**କୋରେଇ,୧୦।୬(ସ୍ୱ.ପ୍ର.)**
ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ କୋରେଇ ପୋଲିସ ସୋମବାର ପ୍ରେମିକଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋରାଇ ଥାନା ଅନ୍ତର୍ଗତ ବନ୍ଦାଳୋ ପଞ୍ଚାୟତ ଦୁଲାଖାପାଟଣା ଗ୍ରାମର ଲୁଲୁ ସାହୁ (୩୭)। ପ୍ରକାଶ ଯେ, ଲୁଲୁଙ୍କର କୋରେଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଲୁଲୁ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୮ ବର୍ଷ ଧରି ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଆସୁଥିଲେ। ଉଭୟ ବିବାହ କରି ନ ଥିବାରୁ କାହା ମନରେ ସନ୍ଦେହ ନ ଥିଲା। ମାତ୍ର ଯୁବତୀ ଜଣକ ଏବେ ବିବାହ କରିବାକୁ ଜିଦ୍ ଧରିବାରୁ ଲୁଲୁ ମନା କରିଥିଲେ। ଶେଷରେ ନିରାଶ ହୋଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୨୪/୧୯) ରୁଜୁ କରିଥିଲା।

### ଗଛରେ ପିଟି ହୋଇ ଓଲଟିଲା କାର,୩ ଗୁରୁତର

**ବିଞ୍ଝାରପୁର,୧୦।୬(ଡି.ଏନ୍.ଏ.)**
ଯାଜପୁର- ସିଂହପୁର ମୁଖ୍ୟାସ୍ତାର ମଇନ୍ଦାଛକ ନିକଟରେ ସୋମବାର ଏକ କାର ଦୁର୍ଘଟଣା ଗ୍ରସ୍ତ ହୋଇଛି। କାରଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଓଲଟି ପଡଛି। ଫଳରେ କାର ଚାଳକଙ୍କ ସମେତ ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସେମାନେ ସୟଦପୁର ଅଞ୍ଚଳର ବୋଲି ଜଣାପଡିଛି। ପ୍ରକାଶ ଯେ, ସୋମବାର ମଧ୍ୟାହ୍ନରେ କାରଟି ବିଞ୍ଝାରପୁର ଅଭିମୁଖେ ଆସୁଥିଲା। ମଇଁନ୍ଦା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେଥିବା ଗଛରେ ପିଟି ହୋଇ ଓଲଟିପଡିଥିଲା।

### ଫେରୋକ୍ରୋମ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ବହିଷ୍କୃତ

**ଯାଜପୁରରୋଡ,୧୦।୬(ନି.ପ୍ର.)**- ସ୍ଥାନୀୟ ଫେରୋକ୍ରୋମ କାରଖାନାର ସ୍ୱୀକୃତିପ୍ରାପ୍ତ ଫେରୋକ୍ରୋମ ମଜଦୁର ସଂଘ ସଭାପତି ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ସାଧାରଣ ସମ୍ପାଦକ ଜଗବନ୍ଧୁ ଦାସଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଅଲେଖ ସାମଲଙ୍କୁ ନିଯୁକ୍ତି ଦେଇଛନ୍ତି। ବିଧାୟକ ଘଡ଼େଇଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ସଭାପତିଙ୍କ ପ୍ରତି ବିଶ୍ୱାସଭାଜନ ହୋଇପାରି ନ ଥିବାରୁ ଜଗବନ୍ଧୁଙ୍କୁ ଫେରୋକ୍ରୋମ ମଜଦୁର ସଂଘରୁ ବହିଷ୍କାର କରାଯାଇଥିବା କୁହାଯାଇଛି।

### ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଲିସିୟମର ସଫଳତା

**ଯାଜପୁର ଟାଉନ,୧୦।୬(ଡିଏନଏ)**
ଯାଜପୁର ଜିଲାର ଶିକ୍ଷାନୁଷ୍ଠାନ ଲିସିୟମ ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ଆଶାନୁରୂପକ ସଫଳତା ପାଇଛି। ଏଥର ଏହି ଶିକ୍ଷାନୁଷ୍ଠାନର ୯୧ ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୩ ଜଣ ଛାତ୍ରୀଛାତ୍ର ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କେବଳ ସେତିକି ନୁହେଁ, ଛାତ୍ର ଜ୍ଞାନରଞ୍ଜନ ସାମଲ ସର୍ବାଧିକ ୫୦୬ ନମ୍ବର ଓ ବିଶ୍ୱଜିତ ସାହୁ ୫୦୩ ନମ୍ବର ରଖି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏମାନଙ୍କୁ ଅନୁଷ୍ଠାନର ଅଧକ୍ଷ ମୋହନ ଚରଣ ଦାଶ ଓ ପ୍ରତିଷ୍ଠାତା ଶିକ୍ଷାବିତ ନିତ୍ୟାନନ୍ଦ ମିଶ୍ର ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ବେଗନାରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କୋରେଇ,୧୦।୬(ସ୍ୱ.ପ୍ର.)**- କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତସ୍ଥିତ ବେଗନା ଗ୍ରାମରେ ୨୦ ବର୍ଷ ତଳେ ପ୍ରତିଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଥମ ରଥଯାତ୍ରା ପାଇଁ ଗ୍ରାମ କମିଟି ପକ୍ଷରୁ ବ୍ୟାପକଭାବେ ପ୍ରସ୍ତୁତି କରାଯାଇଛି। ଏ ନେଇ ନବନିର୍ମିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ସଂଯୋଜକ ସୂର୍ଯ୍ୟମଣି ଖୁଣ୍ଟିଆ ଅଧକ୍ଷତା କରିଥିଲେ। ଆସନ୍ତା ୧୭ରେ ସ୍ନାନ ପୂର୍ଣ୍ଣିମା ପାଳିତ ହେବ। ୩୦ରେ ନବନିର୍ମିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା କରାଯିବ, ଜୁଲାଇ ୨ତାରିଖ ନେତ୍ରଉତ୍ସବ ଓ ୪ରେ ରଥଯାତ୍ରା ଅନୁଷ୍ଠିତ ହେବ। ୧୨ରେ ବାହୁଡାଯାତ୍ରା ହେବ ବୋଲି ବୈଠକରେ ନୀତିନିର୍ଦ୍ଧାରଣ କରାଯାଇଛି। ପଣ୍ଡୁଲା ଗ୍ରାମର ଜଗବନ୍ଧୁ ମହାରଣାଙ୍କୁ ରଥନିର୍ମାଣ ଓ ରଙ୍ଗଦେବା ପାଇଁ ଉଦୟ ଓଝାଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀଗୁଣ୍ଡିଚା ଓ ବାହୁଡା ଦିନ ଅପରାହ୍ଣ ସାଢେ ୩ଟାବେଳେ ଛେରାପହଁରା ଓ ସାଢେ ୪ଟାବେଳେ ରଥ ଟଣା ହେବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି। ଜୟରାମ ଖୁଣ୍ଟିଆ, ଚିନ୍ତାମଣି ସାହୁ, ଆନନ୍ଦ ରାଉତ, ନାରାୟଣ ପରିଡା, ବେଣୁଧର ମଲିକ ପ୍ରମୁଖ ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ପ୍ରଶାସନ ଉପରେ ଭାରି ପଡୁଛି ମାଫିଆଙ୍କ ପ୍ରଭାବ

# ବନ୍ଦ ହେଉନି ବେଆଇନ ବାଲି ଚାଲାଣ

**ରସୁଲପୁର,୧୦।୬(ଡିଏନଏ)**

ଲଘୁ ଖଣିଜଜାତ ଦ୍ରବ୍ୟ ବ୍ୟାପକ ହରିଲୁଟ୍ ହୋଇ ଚାଲିଥିବାବେଳେ ତାକୁ ରୋକିବାରେ ପ୍ରଶାସନ ବିଫଳ ହେଉଛି। ପ୍ରଶାସନିକ କଳ ଓ ବଳ ଉପରେ ମାଫିଆଙ୍କ ପ୍ରଭାବ ଭାରି ପଡୁଛି। ପ୍ରଶାସନିକ ଅଧିକାରୀମାନେ ବେଆଇନ କାର୍ଯ୍ୟ ବନ୍ଦ କରିବାରେ ବିଫଳ ହେଉଛନ୍ତି। ଏହା ସହିତ ଘଟଣାକୁ ଅଧିକ ଗୁରୁତ୍ୱ ଦେଇ ଖୋଳତାଡ କରୁଥିବା ଅଧିକାରୀଙ୍କ ଜୀବନ ପ୍ରତି ବିପଦ ଘନଉଛି। ଏଭଳି ସ୍ଥିତି ରସୁଲପୁର ତହସିଲ ଅଞ୍ଚଳରେ ଉପୁଜିଛି। ଏହି ତହସିଲ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ବେଆଇନ ବାଲି ଘାଟ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଠାରେ ବାଲି ମାଫିଆମାନେ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଘାଟ ଚଳାଉଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଏକାଧିକ ବାର ଚଢାଉ ପରେ ବି ବାଲି ଚାଲାଣ ବନ୍ଦ ହେଉନାହିଁ।
ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଲଘୁ ଖଣିଜ ସାମଗ୍ରୀରୁ ଟିକସ ଆଦାୟ କରାଯାଉଛି। ଏହା ରାଜ୍ୟ ରାଜକୋଷ ବୃଦ୍ଧି ଘଟାଇବାର ଅନ୍ୟ ଏକ ବଡ ମାଧ୍ୟମ ବୋଲି କୁହାଯାଉଛି। ମାତ୍ର ରାଜ୍ୟର କେତେକ ସ୍ଥାନରେ ଏଥିରେ ବ୍ୟତିକ୍ରମ ଦେଖାଯାଉଛି। ସେଥିରୁ ରାଜେନ୍ଦ୍ରପୁର ପଞ୍ଚାୟତର କରଜଙ୍ଗାଠାରେ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଉଠାଣକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି ବେଆଇନ ଘାଟକୁ ରାଜନୈତିକ ଥଇଥାନ ଭାବେ ବ୍ୟବହାର କରାଯାଉଛି। ଏହି ପଞ୍ଚାୟତରେ ଏକ ଆଇନସିଦ୍ଧ ବାଲିଘାଟ ଚାଲିଆସୁଛି। ଏଥିସହ ଆଉ ଏକ ବେଆଇନ ବାଲିଘାଟକୁ ଅଘୋଷିତ ଅନୁମତି ମିଳିଛି। ଏହା ପଛରେ ପୂର୍ବ ତହସିଲ ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ ଉପୁଜିଛି। ବାଲିଘାଟକୁ ସୁରକ୍ଷା ଦେବା ଦାୟିତ୍ୱ କୋରେଇ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବନେତାଙ୍କୁ ଦିଆଯାଇଛି। ବଦଳରେ ବାଲିଘାଟରୁ ମିଳୁଥିବା ଲାଭାଂଶରୁ ସିଂହଭାଗ ସେମାନଙ୍କ ପାଖକୁ ଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ବଦଳରେ ପଞ୍ଚାୟତରେ ବିରୋଧୀଙ୍କୁ ମିଳିଥିବା ବାଲିଘାଟ ବନ୍ଦ ହେବା ସମ୍ଭବ ହୋଇଛି ଏବଂ ସଂଗଠକଙ୍କ ପାଇଁ ରୋଜଗାରର ପନ୍ଥା ଖୋଲିଯାଇଥିବା ଆଲୋଚନା ହେଉଛି। ତେବେ ନୂତନ ତହସିଲଦାର ଓ ଥାନାଧିକାରୀଙ୍କ ପକ୍ଷରୁ ବେଆଇନ ବାଲିଘାଟ ବନ୍ଦ କରିବାକୁ ପ୍ରୟାସ କରାଯାଇଛି। ମାତ୍ର ଏ ଦିଗରେ ସେମାନେ ସଫଳ ହୋଇପାରି ନାହାନ୍ତି। ଉଭୟ ତହସିଲ ଓ ଥାନାର କେତେଜଣ ତଳିଆ କର୍ମଚାରୀ ଏଥିରେ ବାଧକ ସାଜୁଥିବା କୁହାଯାଉଛି। ବେଆଇନ ବାଲି ପରିବହନ ରୋକିବାକୁ ଯାଇ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ମାଡ଼ ଖାଇବା ଘଟଣାକୁ ସପ୍ତାହେ ବିତିଲାଣି। ହେଲେ ଅଭିଯୁକ୍ତମାନେ ଏଯାବତ୍ ଧରାପଡ଼ି ନାହାନ୍ତି। ଏଥିସହ ଆଇନସମ୍ମତ ବାଲିଘାଟକୁ ନିଲାମଧାରୀ କୈଳାସ ସାହୁ ଚଳାଇବାରେ ବିଫଳ ହୋଇଛନ୍ତି। ତାଙ୍କ ମତରେ ନିଲାମ ବାଲିଘାଟ ମାସ ମାସ ଧରି ବନ୍ଦ ରହିଛି। ତହସିଲ ପ୍ରଶାସାନ ତାଙ୍କୁ ସୁରକ୍ଷା ଦେବା ଓ ବେଆଇନ ବାଲିଘାଟ ବନ୍ଦ କରିବାରେ ବିଫଳ ହୋଇଛନ୍ତି। ସେ ଏ ନେଇ ଉଚ୍ଚପଦସ୍ତ ଅଧିକାରୀଙ୍କୁ ଅବଗତ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ମତ ରଖିଛନ୍ତି। ଏସବୁ ବାଦ୍ ତହସିଲଦାରଙ୍କୁ ମାଡ଼ ମାରିବା ସହ ହତ୍ୟା ଧକମ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅପରପକ୍ଷେ ପଟଣାଗଡ ବିଧାୟକ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣାକୁ କନିଷ୍ଠ ଯନ୍ତ୍ରୀ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ହେଲେ ତହସିଦାରଙ୍କୁ ମାଡ଼ ହେବା ଘଟଣାକୁ ସପ୍ତାହେ ବିତିବା ପରେ ବି ଏ ଦିଗରେ ଓଏଏସ୍ ସଂଘ ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂପର୍କରେ ରସୁଲପୁର ତହସିଲଦାର ଭୁଜବଳଙ୍କୁ ପଚାରିବାରୁ, ସେ ତାଙ୍କ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏହା ଆଗମୀ ଦିନରେ ମଧ୍ୟ ଚାଲୁ ରହିବ। ନିଲାମ ବାଲିଘାଟ ଚଳାଇବା ଦିଗରେ ସେ ପ୍ରୟାସ ଜାରି ରଖିଛନ୍ତି। ଏ ଦିଗରେ ତୁରନ୍ତ ଏକ ବାଟ ବାହାରିବ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷେ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ସମ୍ପର୍କରେ ପଚାରିବାରୁ, ଅଭିଯୁକ୍ତମାନେ ଫେରାର ଅଛନ୍ତି। ତେଣୁ ତାଙ୍କୁ ଗିରଫ କରାଯାଇପାରି ନାହିଁ। ମାତ୍ର ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବାକୁ ଚଢ଼ାଉ ଜାରି ରହିଛି ବୋଲି କହିଛନ୍ତି।



- ଚଢ଼ାଉବେଳେ ତହସିଲଦାରଙ୍କୁ ମାଡ଼ ଘଟଣାକୁ ବିତିଲାଣି ସପ୍ତାହେ
- ଅଭିଯୁକ୍ତଙ୍କୁ ଗିରଫ କରିନି ପୋଲିସ
- ପୋଲିସର ଢ଼ିଲା କାର୍ଯ୍ୟାନୁଷ୍ଠାନ ଯୋଗୁ ବୃଦ୍ଧି ପାଉଛି ମାଫିଆଙ୍କ ଦୌରାତ୍ମ୍ୟ

### କବାଡ଼ି ଆସୋସିଏଶନ ପକ୍ଷରୁ କ୍ରୀଡ଼ାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ରସୁଲପୁର,୧୦।୬(ଡି.ଏନ୍.ଏ.)**
ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରସ୍ଥିତ ଯାଜପୁର କବାଡି ଆସୋସିଏଶନ ପକ୍ଷରୁ କ୍ରୀଡା, ଯୁବ ବ୍ୟାପର ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ରଜରେ ଆୟୋଜନ ହେବାକୁ ଥିବା ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାର ଶେଷ ଦିବସରେ ମୁଖ୍ୟ ଅତିଥିଭାବରେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। କର୍ମକର୍ତ୍ତାଙ୍କ ଅନୁରୋଧ ରକ୍ଷାକରି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଥିବା ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି। ଉପ-ସଭାପତି କୃଷ୍ଣକାନ୍ତ ପଣ୍ଡା, ସହ-ସମ୍ପାଦକ ସମରେନ୍ଦ୍ର ଦାଶ, ଫଲଗୁନି ବିଭୁକଲ୍ୟାଣ ଦାସ, ସୁରେନ୍ଦ୍ର ତିଆଡି, କ୍ରୀଡ଼ା ଶିକ୍ଷକ ସୁରେଶ ଦାସ ପ୍ରମୁଖ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



■ ଫେରୋକ୍ରୋମ୍ କାରଖାନା ଓ ଜିଲା ଶିଳ୍ପକେନ୍ଦ୍ରକୁ କାର୍ଯ୍ୟକ୍ଷମ ଦାବି

# ଅସଙ୍ଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ଯାଜପୁରରୋଡ,୧୦।୬(ନି.ପ୍ର.)**

ଶିଳ୍ପ ରାଜଧାନୀ ଭାବେ ମାନ୍ୟତା ପାଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟଦ୍ୱାର ଯାଜପୁର ରାଡ଼ଠାରେ ସର୍ବପୁରାତନ ସରକାରୀ ଉଦ୍ୟୋଗ ଇଫିକଲ୍ ଫେରୋକ୍ରୋମ୍ କାରଖାନାର ଦୁଇଟି ଫର୍ଣ୍ଣେସକୁ ଗତ ଜୁନ୍ ୧ ତାରିଖରୁ ବେଆଇନ ଭାବେ ବନ୍ଦ କରିଦିଆଯାଇଛି। ଫଳରେ ୫୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ କାର୍ଯ୍ୟ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ଶପଥ ନେଇଥିବାବେଳେ ପ୍ରଥମ ସରକାରୀ ଉଦ୍ୟୋଗ ବନ୍ଦ କରି ଶ୍ରମିକଙ୍କୁ ଭେଟି ଦେଇଥିବା ଆଲୋଚନା ହେଉଛି। ଏ ନେଇ ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସୋମବାର ଏଡିଏମ୍ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଶ୍ରମିକମାନେ ଏକ ବିରାଟ ପଟୁଆରରେ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରୁ ବାହାରି ଏଡିଏମଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ଅଧକ୍ଷ ମହାନ୍ତି କହିଲେ ସର୍ବପୁରାତନ ସରକାରୀ ଉଦ୍ୟୋଗ ଫେରୋକ୍ରୋମ କାରଖାନାର ନିଜସ୍ୱ କ୍ୟାପଟିଭ୍ ମାଇନସ୍ ଥିବାବେଳେ ରାଜ୍ୟ ସରକାର ୫୦୦୦ ଟନ୍ କ୍ରୋମ୍କୁ ଶାଗମାଛ ଦରରେ ବିକ୍ରି କରିବା ପରେ ଉତ୍ତୋଳନ ବନ୍ଦ କରି ଓଡ଼ିଶା ଖଣି ନିଗମରୁ କ୍ରୋମ୍ କ୍ରୟ କରି କ୍ଷତି ଦର୍ଶାଇ କାରଖାନା ବନ୍ଦ କରିଦେଇଛନ୍ତି। ଯାହାଫଳରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଜୀବିକା ହରାଇଛନ୍ତି। ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା ଯୋଗଦେଇ ଚାନ୍ଦମାଠାରେ ତୁରନ୍ତ ଜିଲା ଶିଳ୍ପକେନ୍ଦ୍ରକୁ କାର୍ଯ୍ୟକ୍ଷମ ନ କରାଇଲେ କଂଗ୍ରେସ ଏ ଆନ୍ଦୋଳନ ସମର୍ଥନ କରି ଆହୁରି ଆଗକୁ ନେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସଂଗଠିତ ଶ୍ରମିକ କଂଗ୍ରେସର ଜିଲା ସମ୍ପାଦକ ପରମାନନ୍ଦ ସେଠୀ, ଅମୂଲ୍ୟ ନାୟକ, ଭଗବାନ ଦାସ, ଧ୍ରୁବଚରଣ ଜେନା, ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭୂଅର୍ଜନ ଅଧିକାରୀ ସପନ କୁମାର ନନ୍ଦଙ୍କୁ ଏକ ଦୁଇ ଦଫା ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସଭାସ୍ଥଳରେ ଅଧିକାରୀ ନନ୍ଦ ଉପସ୍ଥିତ ରହି ବିକ୍ଷୋଭକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ଏ ସମସ୍ୟା ଉପରେ ତୁରନ୍ତ ସମାଧାନ କରିବା ନେ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

**ସମାଧାନ ପାଇଁ ଭୂଅର୍ଜନ ଅଧିକାରୀଙ୍କ ପ୍ରତିଶ୍ରୁତି**




ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

■ ଅଭିଯୋଗର ମାସେ ପରେ ବି ପୋଲିସ ନୀରବ

# ଏସ୍ପିଙ୍କୁ ଭେଟିଲେ ପରିବାର ଲୋକେ



ଏସ୍ପିଙ୍କୁ ଭେଟିବାକୁ ଆସିଥିବା ପରିବାର ଲୋକେ।

**କୋରେଇ,୧୦।୬(ସ୍ୱ.ପ୍ର.)**

ଏକ ହତ୍ୟା ଅଭିଯୋଗକୁ ମାସେ ବିତିଯାଇଥିଲେ ମଧ୍ୟ ବାଲିଚନ୍ଦ୍ରପୁର ପୋଲିସ ମାମଲା ରୁଜୁକରି ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦିନଦ୍ୱିପ୍ରହରେ ବୁଲୁଥିଲେ ମଧ୍ୟ ପୋଲିସ ଧରିବାକୁ ସକ୍ଷମ ହେଉନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ କହି ପୋଲିସ ଚୁପ୍ ହୋଇବସିଛି। ଶେଷରେ ନିରାଶ ହୋଇ ମୃତକଙ୍କ ପରିବାର ସୋମବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍ପିଙ୍କୁ ନ୍ୟାୟ ଭିକ୍ଷା କରିଛନ୍ତି।
ପ୍ରକାଶ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡିଆ ପାଇକରାପୁରୁ ଗ୍ରାମର ଧ୍ରୁବ ଚରଣ ନାୟକଙ୍କ ଝିଅ ମାନସୀ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ଦିଲୀପ ଜେନାଙ୍କୁ ୧୩ ବର୍ଷ ତଳେ ବିବାହ କରିଥିଲେ। ବିବହାର କିଛି ଦିନ ପରେ ଅଧିକ ଯୌତୁକ ପାଇଁ ବାରମ୍ବାର ପାରିବାରିକ ଗଣ୍ଡଗୋଳ ହେବା ସହ ମାନସୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏ ନେଇ ଉଭୟ ପରିବାର ମଧ୍ୟରେ ବାରମ୍ବାର ମିଳାମିଶା ମଧ୍ୟ ହୋଇଛି। ପରେ ମାନସୀ ରୋଗଗ୍ରସ୍ତ ହୋଇଥିଲେ। ଏସବୁ ସତ୍ତ୍ୱେ ମାନସୀଙ୍କ ଉପରେ କାମ କରିବାର ଚାପ ଦିଆଯାଉଥିଲା। ଗତ ମେ ୯ ତାରିଖ ମାନସୀ କଟକ ମେଡିକାଲରେ ଥିବା ଜାଣି ବାପଘର ଲୋକେ ଦେଖିବାକୁ ଯାଇଥିଲେ। ସେଠାରେ ଶାଶୁଘର ଲୋକେ ମାନସୀଙ୍କୁ ମିଳିତ ଆକ୍ରମଣ କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାନସୀଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମାନସୀଙ୍କ ଶାଶୁଘର ଲୋକେ ତାଙ୍କୁ ମାରିଦେଇଥିବା ନେଇ ବାପଘର ଲୋକେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୧୧୬/୧୯) ରୁଜୁ କରିଥିଲା।

# ଯୌତୁକ ନିର୍ଯାତନା ଅଭିଯୋଗ: ଝିଅ ଶାଶୁଘରକୁ ଯାଇ ମାଡ଼ ଖାଇଲେ ବାପା

**ଯାଜପୁର ଟାଉନ,୧୦।୬(ଡିଏନଏ)**

ଝିଅକୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଖବର ପାଇ ଝିଅ ଶାଶୁଘରକୁ ବୁଝାଇବା ପାଇଁ ଯାଇଥିଲେ ବାପା। ହେଲେ ସେଠାରେ ଶାଶୁଘର ଲୋକେ ତାଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ସୋମବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ଯାଜପୁରସହର ନିକଟସ୍ଥ କଟିକଟା ଗ୍ରାମର ସାଧୁଚରଣ ମହାନ୍ତି ତାଙ୍କ ଝିଅ ଚନ୍ଦାରାଣୀଙ୍କୁ ୨୦୧୦ ମେ ୧୩ରେ ଭଦ୍ରକ ଜିଲା ଧାମନଗର ଥାନା କଣ୍ଟାପାରି ଗ୍ରାମର ସତ୍ୟନାରାୟଣ ଦାସଙ୍କ ପୁଅ ଅନୀଲଙ୍କ ସହ ବିବାହ କରାଇଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ମାତ୍ର ବାହାଘରର ୮ ଦିନ ପରେ ଚନ୍ଦାରାଣୀଙ୍କୁ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। କିଛିଦିନ ପରେ ଚନ୍ଦାରାଣୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ଘରକୁ ଆଣି ଚିକିତ୍ସା କରାଇବା ପାଇଁ ବାପା ସାଧୁଚରଣ ତାଙ୍କ ଶାଶୁଘରକୁ ଯାଇଥିଲେ। ମାତ୍ର ଶାଶୁଘର ଲୋକେ ସାଧୁଚରଣଙ୍କୁ ଘରେ ପୁରାଇ ହାତଗୋଡ ବାନ୍ଧି ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। କେତେଜଣ ଗ୍ରାମବାସୀ ହସ୍ତକ୍ଷେପ କରିବା ପରେ ସାଧୁଚରଣଙ୍କୁ ଶାଶୁଘର ଲୋକେ ଛାଡି ଦେଇଥିଲେ। ସୋମବାର ସାଧୁଚରଣଙ୍କ ସ୍ତ୍ରୀ ସଂଯୁକ୍ତା ଏ ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୫୪/୨୦୧୯) ରୁଜୁ କରିଛି। ଅପରପକ୍ଷେ ଚନ୍ଦାରାଣୀ ତାଙ୍କ ଶାଶୁଘରେ ନ ଥିବା ଖବର ପାଇ ସେମାନେ ତାଙ୍କ ଝିଅକୁ ମାରିଦେଇଥିବା ବାପଘର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ସାଧୁଚରଣ ଜଣେ ଖବରକାଗଜ ବିକ୍ରେତା ହୋଇଥିବାବେଳେ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଯାଜପୁରର ମା' ବିରଜା ଖବରକାଗଜ ବିକ୍ରେତା ସଂଘ ସଭାପତି ନାରାୟଣ ସେଠୀ, ଗଜେନ୍ଦ୍ର ମାଝୀ, ରମାକାନ୍ତ ସାହୁ, ଅନନ୍ତ ଚରଣ ପୃଷ୍ଟି, ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

■ ରାସ୍ତା ଗାର୍ଡୱାଲ ନିର୍ମାଣ

# ଅଧାରୁ କାମ ଛାଡ଼ି ଠିକାଦାର ଫେରାର

**ବରୀ,୧୦।୬(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଗୋଳକୁଣ୍ଡ-ରତ୍ନଗିରି ରାସ୍ତାର ଧାରପୁର ଛକ ନିକଟରେ ଏକ ପୋଖରୀ କଡ଼ରେ ଗାର୍ଡୱାଲ ନିର୍ମାଣ ଚାଲିଥିବାବେଳେ ଅଧାରୁ କାମ ଛାଡ଼ି ସୋମବାର ଠିକାଦାର ଛୁ ମାରିଛନ୍ତି। ଏହି ରାସ୍ତାଟି ଆରଆଣ୍ଡବି ବିଭାଗ ଅଧୀନରେ ରହିଥିଲା। ରାସ୍ତା ମରାମତି ନାଁରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିଲା। ଏସବୁ କାମ ଟେଣ୍ଡର ମାଧ୍ୟମରେ କରାଯାଇଛି। ଧାରପୁର ପୋଖରୀ ନିକଟରେ ଗାର୍ଡୱାଲ ପାଇଁ ୫ ଲକ୍ଷ ଟଙ୍କା ଆସିଥିଲା। ତେବେ ନିମ୍ନମାନର କାମ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ଗାର୍ଡୱାଲର ଲମ୍ବ ଓ ଉଚ୍ଚତା ଠିକ୍ଭାବେ କରାଯାଇନାହିଁ। ଏସବୁକୁ ନେଇ ଗ୍ରାମବାସୀ ବିରୋଧ କରିବାରୁ ଠିକାଦାର ଅଧାରୁ କାମ ଛାଡ଼ି ଛୁ ମାରିଥିବା ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ରାସ୍ତାଟି ଏପ୍ରିଲ ୨୫ ତାରିଖରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର ହୋଇଛି। ଏ ସମ୍ପର୍କରେ ଆରଆଣ୍ଡବି ବିଭାଗର ସହକାରୀ ଯନ୍ତ୍ରୀ ପ୍ରକାଶ ବଳଙ୍କୁ ପଚାରିବାରୁ, ଠିକାଦାର କାମ ବନ୍ଦ କରିଦେଇଥିବା ଖବର ପାଇଛନ୍ତି। ସୋମବାର କାମ କରିବାକୁ ଯାଇଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ ଠିକାଦାର ଛୁ ମାରିଛନ୍ତି ବୋଲି କହିଥିଲେ।



■ ସ୍ୱଚ୍ଛ ଭାରତ ଯୋଜନା ବାଟବଣା

# ହିତାଧିକାରୀଙ୍କ ଅର୍ଥ ହଡ଼ପ ଅଭିଯୋଗ

**ଚଣ୍ଡିଖୋଲ,୧୦।୬(ଡି.ଏନ.ଏ)**

ପ୍ରତ୍ୟେକ ପରିବାରରେ ପାଇଖାନା ନିର୍ମାଣ କରାଯାଇ ପରିବେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହେଉଛି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇ ପାଇଖାନା ନିର୍ମାଣ କରାଗଲେ ପରିମଳ ସ୍ୱଚ୍ଛ ରହିପାରିବ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ଏହି ଯୋଜନା ପ୍ରଣୟନ କରାଯାଇଛି। ତେବେ ଦୀର୍ଘ ୫ ବର୍ଷ ପୂରଣ ହୋଇଥିଲେ ମଧ୍ୟ ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ଏହି ଯୋଜନା କାର୍ଯ୍ୟକାରିତାରେ ସବୁଠାରୁ ପଛରେ ରହିଛି। ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଉଥିବା ପାଇଖାନା ଦୁର୍ନୀତିକୁ ନେଇ ଗତବର୍ଷ ତଦନ୍ତରେ ଧରାପଡ଼ିବା ପରେ ବଡ଼ଚଣା ବ୍ଲକର ଏହି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କୁ ଚାକିରିରୁ ବହିସ୍କୃତ କରାଯାଇଥିଲା। ତଥାପି ଏହି ଦୁର୍ନୀତି ଥମିବାର ନାଁ ନେଉନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତରେ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଫଳରେ ଏହି ଯୋଜନା ଏଠାରେ ବାଟବଣା ହୋଇଛି। କୁନ୍ଦଳ ପଞ୍ଚାୟତର ବହୁ ହିତାଧିକାରୀ ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଅର୍ଥରେ ଶୌଚାଳୟ ନିର୍ମାଣ କରିଥିଲେ। ତେବେ ଏଠାରେ ନିଯୁକ୍ତ ଠିକାଦାର କୁନ୍ଦଳ ପଞ୍ଚାୟତର ହରିପୁର ଗ୍ରାମର ଶ୍ୱେତାମ୍ବରୀ ପାଲଙ୍କୁ ତାଙ୍କ ନିଜ ଶୌଚାଳୟ ପାଖରେ ଛିଡ଼ା କରି ଫଟୋ ଉଠାଇ ସେହି ଶୌଚାଳୟ ବାବଦରେ ୧୨ ହଜାର ଟଙ୍କା ମଳିବ ବୋଲି କହିଥିଲେ। ସେଥିପାଇଁ ଶ୍ୱେତାମ୍ବରୀଙ୍କଠାରୁ ଘର ପଟ୍ଟାର ନକଲ, ଆଧାର କାର୍ଡ଼, ଭୋଟ ପରିଚୟ ପତ୍ର ଇତ୍ୟାଦି ଠିକାଦାର ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଠିକାଦାର ଶୌଚାଳୟକୁ ସ୍ୱଚ୍ଛ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଅର୍ଥ ଉଠାଇ ନେଇଥିଲେ। ଏ ବାବଦ ଅର୍ଥ ହିତାଧିକାରୀଙ୍କୁ ଆଦୌ ନ ଦେଇ ହଡ଼ପ କରିଥିବା ଶ୍ୱେତାମ୍ବରୀ ଜାଣିବାକୁ ପାଇବା ପରେ ଚଣ୍ଡିଖୋଲସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ସେଠାରେ ସମ୍ପୃକ୍ତ ଠିକାଦାର ଏହି ଅର୍ଥକୁ ଉଠାଇ ନେଇଥିବା କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଥିଲା। ଏହାପରେ ସେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଶ୍ୱେତାମ୍ବରୀ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଚଣ୍ଡିଖୋଲ ଜଳ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହିତ ଉକ୍ତ ଆର୍ଥିକ ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି। ଏଥିସହିତ ୨୦୧୬ ଜାନୁୟାରୀଠାରୁ ୨୦୧୯ ମେ ପର୍ଯ୍ୟନ୍ତ ସ୍ୱଚ୍ଛଭାରତ ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ଶୌଚାଳୟର ପ୍ରୋତ୍ସାହନ ରାଶି ବହୁ ସଂଖ୍ୟାରେ ହଡ଼ପ କରାଯାଇଥିବା ନେଇ କୁନ୍ଦଳ ପଞ୍ଚାୟତ ତରଫରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ସୋମବାର ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିତରଞ୍ଜନ ସାହୁଙ୍କୁ ପଚାରିବାରେ, ଅଭିଯୋଗ ଆସିଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୧/୨୦୧୯ Bhubaneswar, Tuesday, June 11/ 2019

# ବାଲିତୁଠରେ ସରକାରୀ ଜମି ଦଖଲ ଅଭିଯୋଗ

କୁଜଙ୍ଗ,୧୦।୬(ସ୍ୱ.ପ୍ର.)

କୁଜଙ୍ଗ ଥାନା ବାଲିତୁଠ ଅଞ୍ଚଳରେ ମତ୍ସ୍ୟ ବିଭାଗ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ରାଜସ୍ୱ ଅଧିକାରୀଙ୍କୁ ହାତକରି ବେଆଇନ ଭାବେ ଦଖଲ କରିବା ସହ ପଟା କରିନେଇଥିବା ଅଭିଯୋଗ ହୋଇଛି। ଏପରିକି ସରକାରୀ ଜମିରେ ମଧ୍ୟ ବେଆଇନ ନିର୍ମାଣ କରାଯାଉଛି। ଏହାକୁ ନେଇ ବାଲିତୁଠ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ସରକାରୀ ଜମି ଜବରଦଖଲ ମୁକ୍ତ କରି ସରକାରୀ ତହବିଲକୁ ଫେରାଇ ଆଣିବାକୁ ଦାବି ହେଉଛି। ପ୍ରକାଶ ଯେ, ୧୯୭୧ରେ ତତ୍କାଳୀନ ମତ୍ସ୍ୟ ଓ ପଶୁ ପାଳନ ମନ୍ତ୍ରୀ ନଟବର ପ୍ରଧାନଙ୍କ ଦ୍ୱାରା ଜଟାଧାର ମୁହାଣକୁ ରାସ୍ତା ଓ ବାଲିତୁଠ ପୋଲ ଶିଳାନ୍ୟାସ କରାଯାଇଥିଲା। ଏହି ରାସ୍ତା ଓ ପୋଲ ବାଲିତୁଠ, ନୂଆଗାଁ ଅଞ୍ଚଳର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇଛି। ବାଲିତୁଠ ଠାରେ ମତ୍ସ୍ୟ ବିଭାଗ ପକ୍ଷରୁ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏକ ମତ୍ସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପାଇଁ ମଧ୍ୟ ବହୁ ଗୃହ ନିର୍ମାଣ କରାଯାଇଥିଲା। ଏଠାରୁ ଜଟାଧାର ମୁହାଣ ୭ କିମି ଦୂର ହୋଇଥିବାରୁ ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ କରାଯାଇଥିବା ଏହି କେନ୍ଦ୍ର କିଛି ଦିନ ଚାଲିବା ପରେ ଏକ ପ୍ରଶିକ୍ଷଣ କେନ୍ଦ୍ର କରାଯାଇଥିଲା। ମୌଜା ବାନାପଟା କାନ୍ଧାର ଖାତା ନଂ ୩୨୭, ପ୍ଲଟ୍ ନମ୍ବର ୨୫୬, ଖାତା ନଂ. ୨୫୭ ଓ ୨୫୮, ପ୍ଲଟ ନଂ. ୯୨୧ ରେ ୪ ଏକର ୪୯ ଡେସିମିଲ ବିଶିଷ୍ଟ ଜମିରେ ମତ୍ସ୍ୟ ବିଭାଗ ଗୃହ ରହିଛି। ଏହି ପ୍ଲଟ ନଂ.୨୫୬ରେ ୦.୧୫ ଏକର ରାସ୍ତା, ପ୍ଲଟ ନଂ.୨୫୮ରେ ରାସ୍ତା, ପ୍ଲଟ ନଂ.୨୫୭ରେ ୩ ଏକର ଜଙ୍ଗଲ କିସମ, ୯୨୧ରେ ୧.୨୪ ଏକର ଜଙ୍ଗଲ କିସମ ଜମି ରହିଛି। ଏହି ଜମି ବିଷୟରେ ଜଗତ୍‌ସିଂପୁର ଏଡିଏଫ୍‌ଓ ଗତ ଡିସେମ୍ବର ୧୩ ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ଆବେଦନ କରିଥିଲେ। ମାତ୍ର ସେହି ମାସ ୨୨ ତାରିଖରେ ବାଲିତୁଠ ରାଜସ୍ୱ ନିରୀକ୍ଷକ ଏଡିଏଫ୍‌ଓଙ୍କୁ ମଧ୍ୟ ରିପୋର୍ଟ ପ୍ରଦାନ କରିଥିଲେ। କିଛିଦିନ ହେବ କିଛି ପ୍ରଭାବଶାଳୀ ବ୍ୟକ୍ତି ଏହି ଜମିର କିଛିଅଂଶର ପଟା ହାତେଇ ରାତିଅଧିଆ ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରାଜସ୍ୱ ନିରୀକ୍ଷକ ବାବାଜୀ ଚରଣ ସାହୁ କହିଛନ୍ତି ଯେ, ଅଭିଯୋଗ ଅନୁଯାୟୀ ଏହାର ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
SPECIAL FEATURES
❖ Expert & Experienced Faculty members ❖ Doubt Clearing Classes
❖ Separate Furnished Hostel both Boys & Girls
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : B.Sc.(Hons), B.A.(Hons), B.Com.(Hons), B.Sc. (Comp.Sc.), B.Sc. (ITM), B.Sc. (Biotech)

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ଛାତ୍ରଙ୍କ ସଫଳତା

ନାଉଗାଁ,୧୦।୬(ସ୍ୱ.ପ୍ର.): ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ନଳାଙ୍ଗ ଗ୍ରାମର ସାଗର କୁମାର ସ୍ୱାଇଁ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ସେ ୫୫୮ ରଖିଛନ୍ତି। ଏହି ପରୀକ୍ଷା ପାଇଁ ସେ କୌଣସି ଅନୁଷ୍ଠାନରୁ କୋଚିଂ ନ ନେଇ ନିଜେ ନିଜକୁ ପ୍ରସ୍ତୁତ କରିଥିଲେ। ୨୦୧୭ରେ ସେ ମାଟ୍ରିକ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିବାବେଳେ ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନରେ ରାଜ୍ୟର ୧୨ତମ ସ୍ଥାନ ଅଧିକାର କରିଥିଲେ। ନିଟ ପରୀକ୍ଷାର ଏହି ସଫଳତାର ଶ୍ରେୟ ସେ ପିତା ତିରୁଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କୁ ପ୍ରଦାନ କରିଛନ୍ତି।

### ସାମ୍ୟବାଦୀ ନେତା ଲୋକନାଥ ସାମଲଙ୍କ ପରଲୋକ

କୁଜଙ୍ଗ,୧୦।୬(ସ୍ୱ.ପ୍ର): କୁଜଙ୍ଗ ବ୍ଲକ୍ ଅବିଭକ୍ତ ମଙ୍ଗରାଜପୁରର ପ୍ରଥମ ସରପଞ୍ଚ ଲୋକନାଥ ସାମଲ(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ସମର୍ପିତ ସାମ୍ୟାବାଦୀ ନେତା ଭାବେ ପରିଚିତ ଥିଲେ। କୁଜଙ୍ଗ ଜୋନ ଓ ଅବିଭକ୍ତ କଟକ ଜିଲାର ପୂର୍ବତନ ସମ୍ପାଦକ ରୂପେ କାର୍ଯ୍ୟ କରି ସିପିଆଇକୁ ସଙ୍ଗଠିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ତାଙ୍କ ବିୟୋଗରେ ପୂର୍ବତନ ଏମ୍‌ପି ଡା. କୁଳମଣୀ ସାମଲ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, କିଶୋର ଜେନା, ଅଭୟ ସାହୁ, ବାବୁରାମ ଚୌଧୁରୀ, ଗୋବିନ୍ଦ ତରାଇ, ଅଜୟ ସାମଲ, ଜିଲା ସମ୍ପାଦକ ଅଭିଜିତ୍ ସାହୁ, ରାମଚନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ଦାସ, ବାବାଜୀ ମହାରଥା, ଗୋଲାପରାଣୀ ସାହୁ, କେନ୍ଦ୍ରପଡା ଜିଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିନ୍ମୟୀ ସାହାଣୀ ପ୍ରମୁଖ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୁଶାନ୍ତ ସାମଲ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ।

■ ଆଗକୁ ବର୍ଷା, ବଢ଼ିଲା ଜଳ ନିଷ୍କାସନ ଚିନ୍ତା

# ହଳଦୀପାଣି ନଦୀପଥ ମୁକ୍ତ କରିବାକୁ ଦାବି

■ ଜଳ ସମ୍ପଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଲୋକେ
■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
■ ନଦୀ ପଥ ଅବରୋଧ ଯୋଗୁ ଚାଷୀ ହୀନସ୍ତା

ବାଲିକୁଦା,୧୦।୬(ସ୍ୱ.ପ୍ର)

ପାରାଦୀପ ସଂଲଗ୍ନ ୭ ପଞ୍ଚାୟତର ୨୯ ରାଜସ୍ୱ ଗ୍ରାମର ବର୍ଷାଦିନିଆ ଦୁଃଖ ହେଲା ହଳଦୀପାଣି ନଦୀ। ଭୁତମୁଣ୍ଡାଇ ପଞ୍ଚାୟତଠାରୁ ବିଶ୍ୱାଳି,କୋଠି, ବଗଦିଆ, ନୂଆଗଡ଼, ପାରାଦୀପ ଗଡ଼ ଦେଇ ବର୍ଷାଜଳ ନିଷ୍କାସନର ଏହା ଏକମାତ୍ର ମାଧ୍ୟମ ଥିଲା। ୧୯୬୦ରେ କଟକ-ପାରାଦୀପ ରାଜ୍ୟ ରାଜପଥ ନିର୍ମାଣ ବେଳେ ଗଡ଼ ପଞ୍ଚାୟତର ପିପ୍ପଳ ଗ୍ରାମଠାରେ ନଦୀ ପଥ ବନ୍ଦ ହୋଇଯାଇଛି। ଫଳରେ ବର୍ଷାଦିନେ ବର୍ଷାଜଳ ନିଷ୍କାସନ ହୋଇପାରୁନି। ଦୀର୍ଘଦିନ ଧରି ଗ୍ରାମର ତଳିଆ ଅଞ୍ଚଳରେ ପାଣି ଜମି ରହୁଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରତିବର୍ଷ ଅଭିଯୋଗ ଜଣାଇବା ସହ ବିକ୍ଷୋଭ ପ୍ରଦିବାଦ ପ୍ରଦର୍ଶନ କରୁଛନ୍ତି। ଏହା ସତ୍ତ୍ୱେ କୌଣସି ସମାଧାନ କରାଯାଉନାହିଁ। ଏବେ ନୂଆ ସରକାରରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଜଳ ସମ୍ପଦ ମନ୍ତ୍ରୀ ଭାବେ ସ୍ଥାନ ପାଇବା ପରେ ଏହି ପ୍ରସଙ୍ଗ ମୁଣ୍ଡ ଟେକିଛି। ମନ୍ତ୍ରୀ ଦାସଙ୍କୁ ରବିବାର ପାରାଦୀପଠାରେ ସମ୍ବର୍ଦ୍ଧନା ଦେବା ଅବସରରେ ଭୁତମୁଣ୍ଡାଇ ଅଞ୍ଚଳର ଶତାଧିକ ଲୋକ ଏ ସମ୍ପର୍କରେ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ଦାସ କହିଛନ୍ତି ଯେ, ମୁଁ ନୂଆ କରି ଦାୟିତ୍ୱ ନେଇଛି। ଏହା ଦୀର୍ଘଦିନର ସମସ୍ୟା। ପ୍ରଥମେ ଏହା ଉପରେ ତର୍ଜମା କରିବି। ଯେହେତୁ ଏହା ଚାଷୀଙ୍କ ପ୍ରସଙ୍ଗ ସହ ଜଡିତ, ତେଣୁ ପ୍ରାଥମିକତା ଆଧାରରେ ସମାଧାନର ବାଟ ବାହାର କରାଯିବ। ସୂଚନାଯୋଗ୍ୟ, ୨୦୦୯-୧୦ରେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ସରକାର କଙ୍କ୍ରିଟ କରିଥିଲେ। ହଳଦୀପାଣି ନଦୀ ଅବରୋଧ କରିଥିବା ୧୮୦ ମିଟିର ରାସ୍ତାକୁ ସେତେବେଳେ ଏହି ଲୋକମାନେ ବିରୋଧ କରିବାରୁ ତାହା ଏଯାବତ୍ କଙ୍କ୍ରିଟ ହୋଇପାରିନାହିଁ। ତାହା ପିଚୁ ହୋଇ ରହିଛି। ବନ୍ଦର ପ୍ରତିଷ୍ଠା ପୂର୍ବରୁ ପାରାଦୀପ ଚତୁଃପାର୍ଶ୍ୱରେ ଛୋଟ ବଡ଼ ୫୭ଟି ନଦୀ ଥିଲା, ଯାହାର ସୀମା ହେଉଛି କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାଠାରୁ କୁଜଙ୍ଗ ବ୍ଲକର ସନ୍ତରା ପର୍ଯ୍ୟନ୍ତ। ୨୨୯୯୫ ଏକର ବ୍ୟାପ୍ତ ଉକ୍ତ ନଦୀଗୁଡିକ ଶିଳ୍ପାୟନ ପ୍ରଭାବରେ ଅସ୍ତିତ୍ୱ ହରାଇଲାଣି। ଏବେ କେବଳ ସେହି ନଦୀର ନାମ ଅନୁସାରେ ସ୍ଥାନର ନାମ ରହିଛି। ଯେପରି କି ଅଠରଟି ନଦୀର ବାଙ୍କକୁ ନେଇ ଅଠରବାଙ୍କୀ, ୪ଟି ନଦୀର ମୁହାଣ ଗୋଟିଏ ସ୍ଥାନରେ ଥିବାରୁ ଚଉମୁହାଣି ହୋଇଛି। ନଦୀଗୁଡିକ ଜଟା ପରି ଲମ୍ବି ଆସି ସମୁଦ୍ରରେ ମିଳିତ ହୋଇଥିବାରୁ ଉକ୍ତ ସ୍ଥାନର ନାମ ଜଟାଧାର ମୁହାଣ ହୋଇଛି। ତାଳଦଣ୍ଡା କେନାଲ ସମ୍ପ୍ରସାରଣ ବେଳେ ହଳଦୀପାଣି ନଦୀକୁ ବନ୍ଦ କରାଯାଇ ରାସ୍ତା କରାଯାଇଥିଲା। ସେବେଠାରୁ ତାହା ବନ୍ଦ ରହିଛି। ବଟନଦୀ ପାଖରେ ୩ଟି ତେଲ କମ୍ପାନୀର ଟର୍ମିନାଲ ହେବା ପରେ ଉକ୍ତ ନଦୀ ବିଲୁପ୍ତ ହୋଇଗଲାଣି। ଭୌଗୋଳିକ ସ୍ଥିତି ଓ ଶିଳ୍ପାୟନର ପ୍ରଗତିରେ ଯେଭଳି ପରିବର୍ତ୍ତନ ହେଉଛି ସେଥିରେ ନଦୀ ପଥ ବନ୍ଦ ହେବା ସ୍ୱାଭାବିକ ପ୍ରକ୍ରିୟା ହୋଇଗଲାଣି। ତଥାପି ହଳଦୀପାଣି ଭଳି କେତେକ ନଦୀର ପଥ ମୁକ୍ତ ରହିବା ଜରୁରୀ ବୋଲି ଭୁତମୁଣ୍ଡାଇ ସଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି।

■ ୮ ଦିନ ହେଲା କମ୍ପ୍ୟୁଟର ସର୍ଭର ଖରାପ

# କୁଜଙ୍ଗ ମୁଖ୍ୟ ଡାକଘରେ ସେବା ବାଧାପ୍ରାପ୍ତ

କୁଜଙ୍ଗ,୧୦।୬(ସ୍ୱ.ପ୍ର.)

୮ ଦିନ ହେଲା କମ୍ପ୍ୟୁଟର ସର୍ଭର ଖରାପ ଥିବାରୁ କୁଜଙ୍ଗ ମୁଖ୍ୟ ଡାକଘରେ ବିଭିନ୍ନ କାର୍ଯ୍ୟ ଠପ୍ ହୋଇଯାଇଛି। ଡାକ ବଣ୍ଟାଯାଇ ନ ଥିବାରୁ ଗଦା ଗଧା ଡାକ ଏବେ ପଡିରହିଛି। କୁଜଙ୍ଗ ମୁଖ୍ୟ ଡାକଘର ଅଧୀନରେ ୧୮ଟି ଶାଖା ଡାକଘର ରହିଛି। ବାଲିଆ, ବାଲିସୁଆଁ, ବାଲିତୁଠ, ଭୁତମୁଣ୍ଡାଇ, ଚଟୁଆ, ଡିଙ୍କିଆ, ଗୋପିଆକୁଦ, ଗଡାନଈ, ଝିମାଣୀ, ଏଭିଖମାର, ମଙ୍ଗରାଜପୁର, ନୂଆଗାଁ, ପାରାଦୀପ ଗଡ଼, ପାରାଦୀପ ଲକ୍, ପାଟେଁଳିପଙ୍କ, ଏସ୍ ନଳକଣୀ, ତାଳଦଣ୍ଡା, ତିଖିରୀ ଆଦି ଶାଖା ଡାକଘରେ ମଧ୍ୟ ଏହି ସର୍ଭର ଖରାପ ଜନିତ ସମସ୍ୟା ଯୋଗୁ ସେବା ମିଳିପାରୁନାହିଁ। ଏହି ଡାକଘର ମଧ୍ୟରୁ କେତେକ କେନ୍ଦ୍ରାପଡ଼ା ଜିଲାର ଓ ଏରସମା ବ୍ଲକ ଅନ୍ତର୍ଭୁକ୍ତ। ଏଠାକୁ ଡାକ ଆସିଲେ ମଧ୍ୟ ସେଗୁଡିକ କମ୍ପ୍ୟୁଟରୀକରଣ କରାଯାଇ ପାରୁ ନ ଥିବାରୁ ଡାକ ବଣ୍ଟାଯାଇପାରୁନି। ଆଉ ଅଳ୍ପଦିନ ମଧ୍ୟରେ ରଜ ପର୍ବ ଆସୁଥିବା ବେଳେ ଡାକଘରେ ଟଙ୍କା ରଖିଥିବା ଲୋକେ ଉଠାଇ ପାରୁନାହାନ୍ତି। ଯେଉଁମାନେ ଟଙ୍କା ଜମା ରଖିବେ ସେମାନେ ମଧ ଦାଖଲ କରିପାରୁନାହାନ୍ତି। ଫଳରେ ସଞ୍ଚୟକାରୀମାନେ ଡାକଘରକୁ ସୁଧ ଆକାରରେ ଅଧିକ ଟଙ୍କା ଦେବାକୁ ପଡ଼ିପାରେ। ବହୁ ଚିଠିପତ୍ର ସ୍ଥାନୀୟ ଡାକଘର ଅଧିକାରୀ ହାତରେ ଲେଖି (ମାନୁଆଲ୍) ବ୍ୟବସ୍ଥାରେ କୌଣସିମତେ ଆଦାନ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଡାକଘର ଅଧିକାରୀଙ୍କୁ ପଚାରିବାରେ ସେ କହିଲେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରତିଦିନ ଜଣାଉଛୁ। ଏହାର ତୁରନ୍ତ ସମାଧାନ କରିବା ପାଇଁ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଦୃଷ୍ଟି ଦେବାକୁ ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ବୈଷ୍ଣବ ଦାସ ପ୍ରମୁଖ ଦାବି କରିଛନ୍ତି।

# ଘରଭଙ୍ଗା ତଦନ୍ତରେ ଅନିୟମିତତା: ଧାରଣାରେ ବସିଲେ ସରପଞ୍ଚ

ବିରିଡ଼ି/ବାଲିଆ,୧୦।୬



ବିରିଡ଼ି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରତ ସରପଞ୍ଚ ଓ ଗ୍ରାମବାସୀ।

**ବିରିଡ଼ି ବ୍ଲକ**

ବିରିଡ଼ି ବ୍ଲକ ବତିମୀରା ପଞ୍ଚାୟତରେ ଫନୀ ଯୋଗୁ ଭାଙ୍ଗିଯାଇଥିବା ଘର ସର୍ଭେ କରିବା କ୍ଷେତ୍ରରେ ବ୍ୟାପକ ଅନିୟମିତତା କରାଯାଇଥିବା ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସୋମବାର ସରପଞ୍ଚ ସେଠୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ସରପଞ୍ଚଙ୍କୁ ସମର୍ଥନ ଜଣାଇ ଲକ୍ଷ୍ମୀ ଭୋଇ, ବାସନ୍ତୀ ରାଉତ, ସସ୍ମିତା ମହାରଣା, ପ୍ରତିମା ମହାରଣା, କୌଶଲ୍ୟା ମହାରଣା, ସୁଲୋଚନା ବେହେରା, ସରସ୍ୱତୀ ଦାସ, ମୂନା ଭୋଇ, ଟିଂକି ଭୋଇ, ସୁଜାତା ଭୋଇ, ସମ୍ରାଟ ଭୋଇ, ରମାକାନ୍ତ ଭୋଇ, ଦିବାକର ସାହୁ, ରମେଶ ମଲ୍ଲିକ, ମୁରଲିଧର ଭୋଇ, ଗଣେଶ୍ୱର ଦାସ, ଗୋବିନ୍ଦ ବାରିକ, ଗଣେଶ୍ୱର ଭୋଇ, ସନ୍ତୋଷ ଭୋଇ, ରବୀନ୍ଦ୍ର ରାଉତ ପ୍ରମୁଖ ବହୁ ମହିଳା ପୁରୁଷ ଧାରଣାରେ ସାମିଲ ହୋଇଥିଲେ। ଧାରଣା ୨ଘଣ୍ଟା ଧରି ଚାଲିବା ପରେ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ସରପଞ୍ଚଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଅଭିଯୋଗର ତଦନ୍ତ କରିବାକୁ ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଅବକାରୀ ଚଢ଼ାଉ, ୫ ଗିରଫ

ବାଙ୍କୀ,୧୦।୬(ବି.ପ୍ର.)

ବାଙ୍କୀ ଓ ଡମପଡ଼ା ବ୍ଲକ ଅଞ୍ଚଳରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। କଟକ ଜିଲା ଅବକାରୀ କମିଶନ ସରୋଜ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଫ୍ଲାଇଂ ସ୍କ୍ୱାଡ୍ ଡମପଡ଼ା ବ୍ଲକର କଇଁମୁଣ୍ଡି ଓ ହରିରାଜପୁର ଗ୍ରାମରେ ଚଢାଉ କରି କଇଁମୁଣ୍ଡି ଗ୍ରାମର ଗନ୍ଧର୍ବ ନାଏକ ଓ ହରିରାଜପୁର ଗ୍ରାମର ଜିତେନ ନାୟକଙ୍କଠାରୁ ଦେଶୀ ରନ୍ଧା ମଦ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଇନ୍ସପେକ୍ଟର ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚଢ଼ାଉରେ ଫ୍ଲାଇଂ ସ୍କ୍ୱାଡ୍ ସବ୍‌ଇନ୍ସପେକ୍ଟର କାଳନ୍ଦୀ ଚରଣ ବେହେରା, ଏଏସ୍‌ଆଇ ସରୋଜ ବାଗ୍, ଭାସ୍କର ସ୍ୱାଇଁ, ସରତ ଦାସ, କନେଷ୍ଟବଳ ଗୋଖେନ୍ଦ୍ର ପରିଡା, ନଟବର ମଲ୍ଲିକ ଓ ସବିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ବାଙ୍କୀ ବ୍ଲକ ଅଧୀନ କୁମୁସର, ବରପୁଟ ଓ ଡମପଡ଼ା ବ୍ଲକର ହରିରାଜପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବନ୍ଧି ପରିଡ଼ା, ପ୍ରମୋଦ ପ୍ରଧାନ ଓ ଦୁଃଖୀଶ୍ୟାମ ନାଏକଙ୍କଠାରୁ ଚୋରାମଦ ଜବତ କରାଯିବା ସହିତ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏହି ଚଢ଼ାଉରେ ସବ୍‌ଇନ୍ସପେକ୍ଟର ଥାପା ମାରାଣ୍ଡି, ଏ.ଏସ.ଆଇ ବନମାଳି ଖଟୁଆ, କନଷ୍ଟେବଳ ସନ୍ତୋଷ ମହାରଣା, ସଞ୍ଜୟ ରାଉତ ଓ ସୋନାଲୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# କାଡ଼ାନାଳ ଅବରୋଧକୁ ନେଇ ଚାଷୀଙ୍କ ରାସ୍ତାରୋକୋ

ରଘୁନାଥପୁର,୧୦।୬(ଡି.ଏନ୍.ଏ.)

ରଘୁନାଥପୁର ତହସିଲ ଅନ୍ତର୍ଗତ ଛପଡ଼ା ରାହାଡିଙ୍ଗା ଗାନ୍ଧିଜୀପୁରଠାରେ ଜଗତ୍‌ସିଂହପୁର ଆରଟିଓ ପକ୍ଷରୁ ନବନିର୍ମିତ ଗାଡ଼ିଚାଳନା ପ୍ରଶିକ୍ଷଣ କେନ୍ଦ୍ର ବିଲ୍ଡିଂ ଓ ପାଚେରି କାର୍ଯ୍ୟ ଦ୍ରୁତଗତିରେ ଚାଲୁଛି। ତେବେ ଏହି ବାଟ ଦେଇ ୧୧ନଂ କେନାଲରୁ ଯାଇଥିବା କାଡାନାଳକୁ ପାଚେରି ତଥା ମାଟି ପକାଇ ଅବରୋଧ କରାଯାଇଛି। ଫଳରେ ସ୍ଥାନୀୟ ଚାଷୀଙ୍କ କ୍ଷେତକୁ ପାଣି ଯାଇପାରୁ ନାହିଁ। ଏ ସମ୍ପର୍କରେ ଗତ ମାସରେ ଚାଷୀମାନେ ଜିଲାପାଳ, ଆରଡିସି, ଆରଟିଓ ତଥା ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏବେ ଖରିଫ ଚାଷ ଆରମ୍ଭ ହେବାକୁ ଥିବାବେଳେ ତଥା ଅଭିଯୋଗର ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସୋମବାର ରାହାଡିଙ୍ଗା ଗାନ୍ଧିଜୀପୁରଠାରେ ଜଇପୁର ଜଗତ୍‌ସିଂହପୁର ରାସ୍ତାକୁ ଶତାଧିକ ଚାଷୀ ସକାଳ ୭ଟାରୁ ରାସ୍ତାରୋକୋ କରିଥିଲେ।

ପ୍ରକାଶ ଯେ, ୧୧୧୧, ୧୧୧୩ ଓ ୧୧୧୫ନଂ ପ୍ଲଟ ୨ଏକରରୁ ଊର୍ଦ୍ଧ୍ୱ ଜମିରେ ଏହି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ କରାଯାଉଛି। ଏହାର ଦାୟିତ୍ୱରେ ଥିବା ଠିକାଦାର ଚାଷୀଙ୍କ ସ୍ୱାର୍ଥକୁ ନ ଦେଖି ନିଜସ୍ୱ କାର୍ଯ୍ୟ କରିଚାଲିଥିବାବେଳେ ପୂର୍ବରୁ ଚାଷୀମାନେ ମଧ୍ୟରେ ଏ ସମ୍ପର୍କରେ ସୂଚାଇ ଦେଇଥିଲେ। ତେବେ ମୌସୁମୀ ଆସିବା ପୂର୍ବରୁ କାଡାନାଳ ଅବରୋଧ ମୁକ୍ତ କରିବା ଦାବିରେ ଚାଷୀମାନେ ୬ଘଣ୍ଟା ପର୍ଯ୍ୟନ୍ତ ବସିରହିବାରୁ ଆରଟିଓ ସେଠାରେ ପହଞ୍ଚି ଆସନ୍ତା ୭ଦିନ ମଧ୍ୟରେ ଅବରୋଧ ମୁକ୍ତ ସହ ଚାଷୀଙ୍କ ପାଇଁ ଥିବା ବାଟକୁ ଉଚ୍ଚା କରିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଏଥିରେ ଗୁଣିବିଲ, ଗାଁବିଲ, କାନିଆପାଟ ଓ ଜଇପୁର ଅଞ୍ଚଳର ଏକହଜାର ହେକ୍ଟର ଚାଷଜମି ରହିଛି। ଯଦି ପ୍ରତିଶ୍ରୁତି ନ ରୁହେ ତେବେ ପୁଣି ଚାଷୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ରବୀନ୍ଦ୍ର ଜେନା, ଦିଲୀପ ସ୍ୱାଇଁ, ମନୋରଞ୍ଜନ ଜେନା, ରବୀନ୍ଦ୍ର ନାଥ ପଟ୍ଟନାୟକ, ମହେନ୍ଦ୍ର ନାୟକ, ଭଗବାନ ଜେନା, ରମେଶ ରାଉତ ପ୍ରମୁଖ ଚାଷୀମାନେ ଚେତାବନୀ ଦେଇଛନ୍ତି।



ରାସ୍ତା ଅବରୋଧ କରିଥିବା ଚାଷୀମାନେ।

# ଭାଙ୍ଗିଥିବା ଘର ତାଲିକାରେ ନାହିଁ

ରଘୁନାଥପୁର,୧୦।୬(ଡି.ଏନ୍.ଏ.)



■ ଫନୀ ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ଅନିୟମିତତା
■ ଆର୍‌ଆଇ, ସୁପରଭାଇଜରଙ୍କ କଥାରେ ରହୁନି ତାଳମେଳ

ବାତ୍ୟା ଫନୀ ଆସି ବହୁ ଲୋକଙ୍କ ଧନଜୀବନ ନଷ୍ଟ କରିଦେଇଛି। ପରେ ସରକାର ପକ୍ଷରୁ ବିପନ୍ନଙ୍କୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶ ପାଇ ଆରଆଇଙ୍କ ଠାରୁ ଆରମ୍ଭ କରି ତହସିଲ ସୁପରଭାଇଜରଙ୍କ ପକ୍ଷରୁ ତଦନ୍ତ କରାଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ନାମ ନ ଥିବା ଅଭିଯୋଗ ହୋଇଛି। ଏଭଳି ବ୍ୟତିକ୍ରମ କଟକ ଜିଲାର କିଶନନଗର ତହସିଲ ଅଧୀନ ତଇଲ(ବିରିବନ୍ଧ) ଗ୍ରାମର ଝରି ବାରିକଙ୍କ କ୍ଷେତ୍ରରେ ଦେଖାଯାଇଛି। ଅନ୍ୟପକ୍ଷରେ ଆରଆଇ ଓ ତହସିଲ ସୁପରଭାଇଜରଙ୍କ କଥାରେ ତାଳମେଳ ନ ଥିବାରୁ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ରହିବା ଭଳି ଆଶଙ୍କା ସୃଷ୍ଟି ହେଉଛି।

ପ୍ରକାଶ ଯେ, ଝରିଙ୍କ ଦୁଇପୁଅ ଥିବାବେଳେ ବଡପୁଅ ଘରଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ନିଜ ପରିବାର ସହ ରୁହନ୍ତି। କିନ୍ତୁ ସାନପୁଅ ପ୍ରଶାନ୍ତ ୬ସଦସ୍ୟ ସହ ତାଙ୍କ ମାଆଙ୍କୁ ନେଇ ଦୁଇ ବଖରା ଚାଳଘରେ ରୁହନ୍ତି। ବାତ୍ୟାରେ ପ୍ରଶାନ୍ତଙ୍କ ଦୁଇ ବଖରା ଚାଳଘର ଉଡିଯିବା ସହ ଘରର କାନ୍ଥ ଧରାଶାୟୀ ହୋଇଥିଲା। ପରେ ଉତ୍ତରକୂଳ ଆରଆଇ ସତ୍ୟବ୍ରତ ସାହୁ ଓ ତହସିଲ ସୁପରଭାଇଜର ଯୋଗୀନାଥ ମହାନ୍ତି ଦୁଇଥର ଆସି ଭଙ୍ଗା ଘରଗୁଡ଼ିକୁ ତଦନ୍ତ କରିଥିଲେ। ତେବେ ଗାଁରେ କେତେ ବିପନ୍ନଙ୍କୁ ପଲିଥିନ ଦିଆଯାଇଥିବାବେଳେ ଅଦ୍ୟାବଧି ଝରି ପରିବାରଙ୍କୁ ସରକାର ପକ୍ଷରୁ ଗୋଟିଏ ମଧ୍ୟ ପଲିଥିନ ମିଳିନି। ଏପରିକି ତାଙ୍କର ନାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ନାଁ ନଥିବା ଝରି କହିଛନ୍ତି। ଫଳରେ ହୋଇଥିବା ତଦନ୍ତ ପ୍ରକ୍ରିୟାକୁ ଦାୟୀ କରିଛନ୍ତି ପରିବାର ଲୋକେ। ଏ ସମ୍ପର୍କରେ ପ୍ରଶାନ୍ତ, ସ୍ଥାନୀୟ ନେତାଙ୍କ ପ୍ରରୋଚନାରେ ତଦନ୍ତ ଅଧିକାରୀମାନେ ଜାଣିଶୁଣି ତାଙ୍କ ପରିବାରକୁ ଉପେକ୍ଷିତ କରିଥିବା ଅଭିଯୋଗ କରିଛନ୍ତି।

ଏ ନେଇ ଆରଆଇ ସାହୁ କୁହନ୍ତି, ମୁଁ ଏ ବିଷୟରେ କୌଣସି ତଦନ୍ତ କରିନାହିଁ, ଯାହା ସୁପରଭାଇଜର ତଦନ୍ତ କରିଥିବେ ବୋଲି କହିଛନ୍ତି। କିନ୍ତୁ ସୁପରଭାଇଜର ମହାନ୍ତିଙ୍କୁ ପଚାରିବାରୁ, ଯେଉଁ ତାଲିକା ମୋତେ ଆରଆଇ ଦେଇଥିଲେ କେବଳ ସେହି ଘରଗୁଡିକ ତଦନ୍ତ କରିଥିବା ପ୍ରକାଶ କରିଛନ୍ତି। ତେବେ ଉଭୟ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନଥିବାରୁ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ସୋମବାର ପ୍ରଶାନ୍ତ କିଶନନଗର ତହସିଲଦାରଙ୍କୁ ଦେଖାକରି ଅଭିଯୋଗପତ୍ର ଦେବାରୁ ସେ ରଖି ନଥିଲେ। ପରୋକ୍ଷରେ ଉକ୍ତ ତାଲିକା ସରକାରଙ୍କୁ ପଠାଇ ଦିଆଯାଇଥିବାବେଳେ ଯଦି ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଆସେ, ତେବେ ନିଶ୍ଚୟ ଦେଖିବା ବୋଲି ତହସିଲଦାର ଆଶ୍ୱସନା ଦେଇଥିବା ପ୍ରଶାନ୍ତ କହିଛନ୍ତି। ଏଭଳି ଆହୁରି କେତେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଞ୍ଚିତ ଥିବାବେଳେ ତଦନ୍ତର ପକ୍ଷପାତିତା କରାଯାଇଥିବା ନେଇ କରାଯାଇଥିବା ଅଭିଯୋଗ ପ୍ରତି କଟକ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଜୁନ୍, ୨୦୧୯



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ୫୦ ହଜାର ଟଙ୍କାର ଶାଗୁଆନ କାଠ ଜବତ



**ଖଣ୍ଡପଡା,୧୦।୬(ସ୍ୱ.ପ୍ର.):** ନୟାଗଡ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ସୋମବାର ପୂର୍ବାହ୍ନ ୧୧ଟାରେ ଖଣ୍ଡପଡା ବନାଞ୍ଚଳ ଅନ୍ତର୍ଗତ ଖଳିସାହି ଗ୍ରାମରେ ଚଢାଉ କରି ୫୦ହଜାର ଟଙ୍କାର କାଠ ଜବତ କରିଛନ୍ତି। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନେତୃତ୍ୱରେ ନୟାଗଡ଼ ମୋବାଇଲ ଷ୍ଟାଫ୍ ଓ ସ୍ଥାନୀୟ କର୍ମଚାରୀ ମିଳିତ ଭାବେ ଖଳିସାହି ବାସୁଦେବପୁର ଗ୍ରାମର ଶ୍ରୀହରି ପରିଡାଙ୍କ ଘରେ ଅଚାନକ ଚଢାଉ କରି ଶାଗୁଆନ ପଟା ଜବତ କରିଥିଲେ। ଜବତ କାଠ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି । ଏ ନେଇ ଏକ କେସ ରୁଜୁ ହୋଇଥିବା ସେ କହିଛନ୍ତି ।

### ବାର୍‌ହା ଶିକାର ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଓଡ଼ଗାଁ, ୧୦।୬(ସ୍ୱ.ପ୍ର.):** ନୟାଗଡ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ହଳନ୍ଦାପଲ୍ଲୀ ଗ୍ରାମ ସନ୍ନିକଟରେ ବିଦ୍ୟୁତ୍ ତାର ପକାଇ ବାର୍‌ହା ଶିକାର ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ହଳନ୍ଦାପଲ୍ଲୀ ଗ୍ରାମର ରାଉଳ ନାୟକ(୪୫)। ସୂଚନା ଅନୁସାରେ ଗତ ୨୫ ତାରିଖ ସକାଳେ ରାଉଳଙ୍କ ସହିତ ତାଙ୍କର ଦୁଇପୁତ୍ର ଶ୍ରୀଧର ଓ ଅରୁଣ ଏବଂ ଗ୍ରାମର ଅନ୍ୟ ଜଣେ ରାହୁଳ ନାୟକ(୨୮) ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନରେ ହୁକ ପକାଇ ବାର୍‌ହା ଶିକାର କରିବା ପରେ ମାଂସ ଭାଗବଣ୍ଟା କରୁଥିଲେ। ଏହି ସମୟରେ ବନ କର୍ମଚାରୀ ଚଢାଉ କରି ୫୦ କେଜି ମାଂସ ଜବତ କରିବା ସହ ରାହୁଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ରାଉଳଙ୍କ ସମେତ ତାଙ୍କର ଦୁଇପୁତ୍ରଙ୍କୁ ଗିରଫ କରିବାକୁ ବନ କର୍ମଚାରୀ ରବିବାର ଅପରାହ୍ନ ପ୍ରାୟ ଦେଢଟା ସମୟରେ ତାଙ୍କ ଘରେ ଚଢାଉ କରିଥିଲେ । ହେଲେ ରାଉଳଙ୍କୁ ସେମାନେ କାବୁ କରିଥିବାବେଳେ ଶ୍ରୀଧର ଫେରାର ହେବାରେ ସକ୍ଷମ ହୋଇଥିଲେ।

### ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ହନ୍ତସନ୍ତ

**ଖୋର୍ଦ୍ଧା ଅଫିସ,୧୦।୬:** ଖୋର୍ଦ୍ଧା ସେସୁ ଜଙ୍କିଆ ସବଡିଭିଜନର ନରଣଗଡ ପଞ୍ଚାୟତର ଗଡ, ଭୋଗପୁର, କୁରୁମପଡା, ହାଡପଦା, ଧବଳପୁର, ବଳପୁର, ଓରିମି, ମାନପୁର, ଓରବରସିଂ ଅଞ୍ଚଳରେ ୧୩ରୁ ୧୮ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଅଘୋଷିତ ବିଦ୍ୟୁତ୍ କାଟ ନେଇ ଉପଭୋକ୍ତା ବାରମ୍ବାର ଅଭିଯୋଗ କଲେ ମଧ ସୁଫଳ ମିଳୁନି। ଏପଟେ ଦିନରେ ଗୁଳୁଗୁଳି ହେଉଥିବାବେଳେ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି।

■ କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିବା ଦାବି

# ଜିଲାପାଳଙ୍କୁ ଭେଟିଲେ ଅଭିଭାବକ ସଂଘ ପ୍ରତିନିଧି

**ନୂଆଗାଁ(ଡି.ଏନ.ଏ.)/ ନୟାଗଡ଼ ଅଫିସ, ୧୦।୬**

ନୟାଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିବା ପାଇଁ ଦାବି କରାଯାଇଛି। ସୋମବାର ଭୁବନେଶ୍ୱର ଓଡ଼ିଶା ଅଭିଭାବକ ସଂଘର ୪ ଜଣିଆ ପ୍ରତିନିଧି ଦଳ ନୟାଗଡ଼ ଆସି ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଆଲୋଚନା କରି ଦାବି ଉପସ୍ଥାପନ କରିଛନ୍ତି ।

ନୟାଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଏକାଦଶ ଶ୍ରେଣୀରେ ପଢିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ କିଭଳି ଭାବରେ ଏକାଦଶ ଶ୍ରେଣୀ ଖୋଲିବ ସେ ନେଇ ଓଡିଶା ଅଭିଭାବକ ସଂଘର ଅଧ୍ୟକ୍ଷ ବାସୁଦେବ ଭଞ୍ଜ, ଉପାଧ୍ୟକ୍ଷ ପ୍ରସନ୍ନ କୁମାର ବିଶୋୟୀ, ଭୂମୋହନ ପଟ୍ଟନାୟକ ଓ



ଜିଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ଅଭିଭାବକ ସଂଘ କର୍ମକର୍ତ୍ତା।

ଉପଦେଷ୍ଟା ବିଜୟ କୁମାର ନନ୍ଦ ପ୍ରମୁଖ ଜିଲାପାଳ ଡା. ଏନ. ତିରୁମାଲା ନାୟକଙ୍କୁ ଭେଟିଥିଲେ। ନୟାଗଡ଼ ସମେତ ଏକା ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା ସୋନପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ନୂଆପଡ଼ା, ଭଞ୍ଜନଗର, କେନ୍ଦୁଝର, ଆସ୍କା ଆଦି ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଥିଲା। ସେ ସମସ୍ତ ସ୍ଥାନରେ ଏକାଦଶ ଶ୍ରେଣୀ ଖୋଲି ସାରିଥିବା ବେଳେ ନୟାଗଡ଼ରେ ଖୋଲାଯାଉ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟର ନୂତନଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଥିବା ବେଳେ ବିଦ୍ୟାଳୟକୁ ସ୍ଥାନାନ୍ତର କରା ନ ଯାଇ ବ୍ରଜେନ୍ଦ୍ର ହାଇସ୍କୁଲ ପରିସର ମଧ୍ୟରେ ପୂର୍ବପରି ଚାଲୁ ରହିଛି । ଫଳରେ ନୂତନ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତରଣ ଏବଂ ଏକାଦଶ ଶ୍ରେଣୀ ଖୋଲିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘ ପକ୍ଷରୁ ପୂର୍ବରୁ ଆନ୍ଦୋଳନ କରାଯାଇଥିଲା। ଏପରିକି ଅତୀତରେ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ । ଏହି ସମସ୍ୟାକୁ ଦୃଷ୍ଟି ଦେଇ ଓଡ଼ିଶା ଅଭିଭାବକ ସଂଘର ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲାପାଳ ଖୁବ ଶୀଘ୍ର ନୂତନ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଆଗାମୀ ଶିକ୍ଷା ବର୍ଷରୁ ଏକାଦଶ ଶ୍ରେଣୀ ଖୋଲିବ ବୋଲି ଜଣାପଡ଼ିଛି। ନୟାଗଡ଼ ଅଭିଭାବକ ସଂଘ ପକ୍ଷରୁ ରାଜେନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଦାଶ, ନିରଞ୍ଜନ ବିଶ୍ୱାଳ ଓଡ଼ିଶା ଅଭିଭାବକ ସଂଘ ପ୍ରତିନିଧି ଦଳ ସହ ଜିଲାପାଳଙ୍କୁ ଭେଟିଥିଲେ।

■ ନୟାଗଡ଼ ପୌରପାଳିକା

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର

**ନୂଆଗାଁ,(ଡି.ଏନ.ଏ.)/ନୟାଗଡ ଅଫିସ,୧୦।୬**

ନୟାଗଡ ପୌରପାଳିକାର ସମସ୍ତ କର୍ମଚାରୀଙ୍କୁ ନେଇ ସୋମବାର ପଠାଣିସାମନ୍ତ ଅଡିଟୋରିୟମଠାରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ପ୍ରାରମ୍ଭରେ ବରିଷ୍ଠ କର୍ମଚାରୀ ବିଶ୍ୱନାଥ ମହାପାତ୍ରଙ୍କ ଅକାଳ ବିୟୋଗରେ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ପୌରପାଳିକାର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ପ୍ରଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ,ସ୍ୱଚ୍ଛ ଭାରତ ମିଶନ ଏକ୍ସପର୍ଟ ବିବେକାନନ୍ଦ ପ୍ରଧାନ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଓଡ଼ିଶାରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଖରିଆର ରୋଡ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ନୟାଗଡ ସହରରେ ସେହିଭଳି କାର୍ଯ୍ୟକ୍ରମ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜନସାଧାରଣ ବାହାରେ ଅଳିଆ ପକାଇଲେ ଅର୍ଥଦଣ୍ଡ ନୀତି କାର୍ଯ୍ୟକାରୀ କରାଯାଉଥିବା ସୂଚାଇ ଦିଆଯାଇଥିଲା । ପରିଶେଷରେ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା କର୍ମଚାରୀମାନେ।

■ ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

# ଭଙ୍ଗା ଚାଳଘରେ କଟୁଛି ଜୀବନ

## ଛେଳି ଚରାଇ କରୁଛନ୍ତି ପରିବାର ପ୍ରତିପୋଷଣ



ଭଙ୍ଗା ଘର ଆଗରେ ସ୍ତ୍ରୀ ସହ ପରିଆ।

**ରଣପୁର,୧୦।୬(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଅଞ୍ଚଳରେ ଆବାସ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି। ଭଙ୍ଗା ଦଦରା ନୁଆଁଣିଆ ଚାଳ ଘରେ ରହୁଥିବା ପରିବାର ଘରଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ବାସହୀନ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏବେବି ବହୁ ଗରିବ ପରିବାର ଅଛନ୍ତି ଯେଉଁମାନଙ୍କ ପାଇଁ ପକ୍କାଘର ସ୍ୱପ୍ନ ପାଲଟିଛି । ପିସି କାରବାର କରି ଥିଲାବାଲା ଲୋକ ଏହି ଯୋଜନାକୁ ହାତେଇ ପକ୍କାଘର ନେଉଛନ୍ତି।

ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ଏପରି ଅନିୟମିତତା ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତର ପରିଆ ପ୍ରଧାନ (୬୫), ସ୍ତ୍ରୀ ସାବିତ୍ରୀ (୫୫) ଓ ୨ପୁଅ, ୩ଝିଅଙ୍କୁ ନେଇ ତାଙ୍କ ପରିବାର । ଗ୍ରାମରେ କିଛି ଛେଳି ଚରାଇ ପରିବାର ପ୍ରତିପୋଷଣ କରନ୍ତି ପରିଆ। ଘରଡିହକୁ ଛାଡିଦେଲେ ସମ୍ପତ୍ତି ବୋଲି କିଛି ନାହିଁ ତାଙ୍କର। ବହୁ କଷ୍ଟରେ ଦୁଇ ଝିଅଙ୍କୁ ବିବାହ କରାଇଦେଇଛନ୍ତି। ଭଙ୍ଗା ମାଟି କାନ୍ଥ ଉପରେ ନୁଆଁଣିଆ ଚାଳଛପର ଘରେ ରୁହନ୍ତି ତାଙ୍କ ପରିବାର। ପରିଆ ଛେଳି ଚରାଉଥିବାବେଳେ ୨ପୁଅ ଏବେ ମୂଲ ମଜୁରି କରୁଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ ହୋଇଛନ୍ତି। ତେବେ ପଞ୍ଚାୟତରେ ପକ୍କାଘରଟିଏ ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନାହିଁ। ଲାଞ୍ଚ ନ ଦେଇପାରିବାରୁ ତାଙ୍କୁ ଆବାସ ଯୋଜନାରେ ପକ୍କାଘର ମିଳୁ ନ ଥିବା ପରିଆ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକର ଉଚ୍ଚ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ବାରମ୍ବାର ଆବାସ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଉଛି ବୋଲି ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ହେଲେ ଏହାର ସୁଫଳ ତାଙ୍କୁ ମିଳିପାରୁନାହିଁ। ତୁରନ୍ତ ଜିଲା ପ୍ରଶାସନ ଏହାର ତଦନ୍ତ କରି ପରିଆଙ୍କୁ ଆବାସ ଯୋଜନାରେ ସାମିଲ କରି ନୂତନ ପକ୍କାଘରଟିଏ ମଞ୍ଜୁର କଲେ ସେ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ଦାବି ହେଉଛି। ଏ ନେଇ ରଣପୁର ବିଡିଓ ରଶ୍ମିରେଖା ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, ସେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ତାଙ୍କୁ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଖଣ୍ଡେ ଯୋଗାଇ ଦେବୁ । ତାଙ୍କୁ ଯଦି ଜାଣିଶୁଣି ଯୋଜନାରୁ ବାଦ ଦିଆଯାଇଛି ତା'ହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ।

■ ଗ୍ୟାସ୍ ଟାଙ୍କି ଫାଟିବା ଘଟଣା

# ମୃତ୍ୟୁ ସଂଖ୍ୟା ୨ ହେଲା

**ଓଡ଼ଗାଁ, ୧୦।୬(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଅନ୍ତର୍ଗତ ଢିପିସାହିରେ ଗତ ୨୫ତାରିଖ ରାତିରେ ଗ୍ୟାସଟାଙ୍କି ଫାଟି ଅଗ୍ନିକାଣ୍ଡ ହେବାରୁ ୪ ଜଣ ଗୁରୁତର ହୋଇଥିଲେ। ପୂର୍ବରୁ ଏହି ଘଟଣାରେ ବୁଲୁ ଘଡୁଆଳ(୧୧)ଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ରାତିରେ ତାଙ୍କ ବାପା ବିଜୟ ଘଡୁଆଳ (୫୫)ଙ୍କ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗତ ୨୫ ତାରିଖ ରାତିରେ ବିଜୟଙ୍କ ଘରେ ଥିବା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଥିଲା। ଏଥିରେ ତାଙ୍କ ଘର ପୋଡିଯିବା ସହିତ ବିଜୟ, ବୁଲୁ ଓ ବିଜୟଙ୍କ ଅନ୍ୟ ଜଣେ ପୁଅ ଜିତେନ୍ଦ୍ର ଘଡୁଆଳ (୧୭)ଙ୍କ ସମେତ ସମ୍ପର୍କୀୟ ସିଙ୍ଗାରପଲ୍ଲୀ ଗ୍ରାମର ଜଗନ୍ନାଥ ସେନାପତି ଗୁରୁତର ହୋଇଥିଲେ। ସମସ୍ତଙ୍କୁ ସଙ୍ଗେ ସଙ୍ଗେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବିଜୟଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କ ସହିତ ତାଙ୍କର ଦୁଇ ନାବାଳକ ପୁତ୍ର କଟକ ବଡ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବାବେଳେ ଜଗନ୍ନାଥ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବିଜୟଙ୍କ ସହ ତାଙ୍କ ନାବାଳକ ପୁତ୍ରଙ୍କ ମୃତ୍ୟୁ ଘଟିଥିବାରୁ ପରିବାରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ତାଙ୍କର ଅନ୍ୟ ଜଣେ ନାବାଳକ ପୁଅ ଜିତେନ୍ଦ୍ର ମଧ ମୃତ୍ୟୁ ସହ ସଂଗ୍ରାମ କରୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି । ସରକାରୀ ପ୍ରୋତ୍ସାହନ ମିଳି ନ ଥିବାରୁ ଜିଲା ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ୫ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର ଅଭିଯୋଗ

## ଯୁବକ ଥାନାରେ ଅଟକ

**ନୂଆଗାଁ(ଡି.ଏନ.ଏ.)/ ନୟାଗଡ ଅଫିସ,୧୦।୬**

ନୟାଗଡ ଜିଲା ଇଟାମାଟି ଥାନା ଅଞ୍ଚଳରେ ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି । ପ୍ରକାଶ ଯେ, ଇଟାମାଟି ଅଞ୍ଚଳର ଜଣେ ଯୁବକ କିଛି ମାସ ହେଲା ପଡୋଶୀ ସମ୍ପୃକ୍ତା ଶିଶୁଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରି ଆସୁଥିଲେ । ରବିବାର ଶିଶୁକନ୍ୟା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ସଦସ୍ୟ ସମସ୍ତ ବିଷୟ ଝିଅଠାରୁ ବୁଝିବା ପରେ ପଡୋଶୀ ଯୁବକ ତାଙ୍କୁ ବଳାତ୍କାର କରିଥିବା ଜାଣିବାକୁ ପାଇଥିଲେ । ଏ ନେଇ ସୋମବାର ଝିଅ ପରିବାର ତରଫରୁ ଇଟାମାଟି ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ବେଳେ ପୀଡିତାଙ୍କୁ ଡାକ୍ତରୀମାଇନା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଭାପୁରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଭାପୁର,୧୦।୬(ଡି.ଏନ.ଏ.)**

ଭାପୁରଠାରେ ପବିତ୍ର ରଥଯାତ୍ରା କିଭଳି ସଫଳତା ପୂର୍ବକ ସମ୍ପନ୍ନ ହୋଇପାରିବ ସେ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସୋମବାର ଯାତ୍ରା କମିଟି ଅଧ୍ୟକ୍ଷ ତହସିଲଦାର ସୁନିତା ଜେନାଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରାରେ ଯେପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମନ୍ଦିର କମିଟି ସଭାପତି ଅଧାପକ ସୁମନ୍ତ ଜେନା ଗତବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଯାତ୍ରାରେ ୨୦ ପଞ୍ଚାୟତର ହଜାର ହଜାର ଭକ୍ତ ସମାଗମ ହେଉଥିବାରୁ ଏଥିପ୍ରତି ପୋଲିସ, ଦମକଳବାହିନୀ, ସ୍ୱାସ୍ଥ୍ୟ, ଜଳ ଯୋଗାଣ ଓ ବିଦ୍ୟୁତ୍ ବିଭାଗ ସଜାଗ ରହିବା ପାଇଁ ତହସିଲଦାର ଜେନା ପରାମର୍ଶ ଦେଇଥିଲେ। ବୈଠକରେ ଫତେଗଡ଼ ଥାନା ଅଧିକାରୀ ନିରଞ୍ଜନ କୁମାର ଧୀର, ଭାପୁର ସରପଞ୍ଚ ପ୍ରସନ୍ନ କୁମାର ନାୟକ, ରବୀନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀଜୀଉଙ୍କ ରଥଯାତ୍ରାରେ ସବୁବର୍ଗର ଲୋକ ସହଯୋଗ କରିବାକୁ ନିବେଦନ କରିଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ଗାଁ ବିକାଶରେ ଦେଶର ବିକାଶ ସମ୍ଭବ

**ନୂଆଗାଁ, ୧୦।୬(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ତରଫରୁ ନବ ନିର୍ବାଚିତ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏହି ଅବସରରେ ନୂଆଗାଁ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟ ଏକତ୍ରିତ ହୋଇ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ବ୍ଲକ କାର୍ଯ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକରେ ଟଙ୍କାର ଅଭାବ ନ ଥିଲେ ମଧ୍ୟ କୌଣସି ସୁବିଧା ନ ଥିବା ନେଇ ଦୁଃଖ ପ୍ରକାଶ କରିବା ସହ ଏକମାସ ମଧ୍ୟରେ କାର୍ଯ୍ୟାଳୟକୁ ସଜାଡିବା ପାଇଁ କହିଥିଲେ । ଗାଁର ବିକାଶ ହୋଇ ପାରିଲେ ଦେଶର ବିକାଶ ସମ୍ଭବ ବୋଲି କହିଥିଲେ। ଭତ୍ତା ପ୍ରଦାନକୁ ସୁବ୍ୟବସ୍ଥିତ କରିବା, କେଉଁ ପଞ୍ଚାୟତର କେଉଁ କାମ କରାଯିବ ତାହାର ଏକ ତାଲିକା ଆବଶ୍ୟକତା ଅନୁସାରେ କ୍ରମାନ୍ୱୟରେ କରିବା ପାଇଁ ମଧ୍ୟ କହିଥିଲେ। କୃଷି ବିଭାଗ ତରଫରୁ ଆତ୍ମାର ଚେୟାରମ୍ୟାନ ରମେଶ ପ୍ରଧାନ, ସହକାରୀ କୃଷି ଅଧିକାରୀ ପୂଜା କହଁର ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।




ସମ୍ବର୍ଦ୍ଧନା ସଭାରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

# ପୁରୁଣା ହସ୍ତଶିଳ୍ପ ଉଜ୍ଜୀବିତ ପାଇଁ ଗୁରୁତ୍ୱ

■ ନିଖିଳ ଉତ୍କଳ କଂସାରି ସମାଜର ୪୭ ତମ ଅଧିବେଶନ ଉଦ୍‌ଯାପିତ

**ଖଣ୍ଡପଡା,୧୦।୬(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ କଲ୍ୟାଣ ମଣ୍ଡପଠାରେ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ନିଖିଳ ଉତ୍କଳ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ୪୭ ତମ ବାର୍ଷିକ ଅଧିବେଶନ ତଥା ରାଜ୍ୟସ୍ତରୀୟ ସାଙ୍ଗଠନିକ ଆଲୋଚନା ସଭା ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ଖଣ୍ଡପଡା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟବକ୍ତା ଓ ରାଜ୍ୟ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଂସା ପିତ୍ତଳ ବାସନ ଶିଳ୍ପକୁ ଉଜ୍ଜୀବିତ ରଖିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ଅଧିବେଶନରେ ସଭାପତି ଅଖିଳ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ।

କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚା ମାଲର ଅଭାବ, ବଜାର ଚାହିଦା ଓ ନୂତନ ବୈଷୟିକ ଜ୍ଞାନକୌଶଳର ଅଭାବ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ଫଳରେ ଏ ହସ୍ତଶିଳ୍ପକୁ ବୃତ୍ତି ଭାବେ ଆଦରି ନେଇଥିବା କାରିଗରମାନେ ଜୀବନ ଜୀବିକା ହରାଇ ଅନ୍ୟ ବୃତ୍ତି ପାଇଁ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। ବିଶେଷ କରି ବାହାର ରାଜ୍ୟରେ ମେଶିନ ଦ୍ୱାରା ପ୍ରସ୍ତୁତ ହାଲକା ସାମଗ୍ରୀର ବଜାର ଚାହିଦା ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ଥିବା କଂସା ପିତ୍ତଳ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଓଜନିଆ ସାମଗ୍ରୀକୁ ଗ୍ରାହକମାନେ ପସନ୍ଦ କରୁ ନାହାନ୍ତି । ଯଦି କାରିଗରମାନଙ୍କୁ ନୂତନ ଜ୍ଞାନକୌଶଳରେ ସାମଗ୍ରୀ ତିଆରି ପାଇଁ ତାଲିମ ଦିଆ ଯାଆନ୍ତା ତେବେ କାରିଗରମାନେ ଏହି ବୃତ୍ତି ପାଇଁ ଆକୃଷ୍ଟ ହୋଇ ପାରନ୍ତେ ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା। ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି କଂସାରି ସମାଜର ଉନ୍ନତି ଦିଗରେ ପଦକ୍ଷେପ ଗ୍ରହଣ କରିବା ସଙ୍ଗେ କାରିଗରମାନେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ନୟାଗଡ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମିଶ୍ର ଓ ନୟାଗଡ ନାବାର୍ଡ ପରିଚାଳକ ଜୟନ୍ତ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ କଂସାରି କାରିଗରମାନଙ୍କ ଭତ୍ତା ପ୍ରଦାନ ପାଇଁ ଚିହ୍ନଟ ପ୍ରକ୍ରିୟା କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଶ୍ରୀପତି ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ଶରତ ଚନ୍ଦ୍ର ମହାରଣା ଓ ବିଶିଷ୍ଟ କାରିଗର ତଥା ପୂର୍ବତନ ସମ୍ପାଦକ ଦଣ୍ଡପାଣି ସାହୁ, ଭୁବନେଶ୍ୱର କଂସାରି ସମାଜ ଉନ୍ନୟନ ପରିଷଦର ସମ୍ପାଦକ ସୁଦର୍ଶନ ମହାପାତ୍ର କାରିଗରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୋମବାର ଅଧିବେଶନରେ କଂସାରି ଜାତିର ଅଧ୍ୟୟନରତ ବିଭିନ୍ନ ଅଞ୍ଚଳର ୧୦ ଜଣ ଛାତ୍ରୀଛାତ୍ରଙ୍କୁ ମହାସଭା ପକ୍ଷରୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା । ଉକ୍ତ ଅଧିବେଶନରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଯଥା ଯାଜପୁର, ଢେଙ୍କାନାଳ, ଗଞ୍ଜାମ, ପୁରୀ, କଟକ, ଫୁଲବାଣୀ ଅଞ୍ଚଳରୁ ୨ଶହରୁ ଊର୍ଦ୍ଧ୍ୱ କାରିଗରମାନଙ୍କ ପ୍ରତିନିଧି ଯୋଗଦେଇଥିଲେ । ଆସନ୍ତା ଦୁଇ ବର୍ଷ ପାଇଁ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଭାବେ ଚତୁର୍ଭୁଜ ମହାରଣା, ଉପ ସଭାପତି କାନପୁରର ସରୋଜ କୁମାର ମହାରଣା, ସମ୍ପାଦକ ସୁନୀଲ କୁମାର ମହାପାତ୍ର, ସହକାରୀ ସମ୍ପାଦକ ମାୟାଧର ସାହୁ ଓ କୋଷାଧ୍ୟକ୍ଷ ଭାବେ ରାଜ କିଶୋର ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଉଦ୍‌ଯାପନୀ ଦିବସ ଅବସରରେ କଣ୍ଠ ଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଭାପତି ମହାରଣା କଂସାରି ସମାଜ ଜାତିର ପତାକା ଅବତରଣ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ମହାଦେବ ମହାରଣା, ଦଣ୍ଡପାଣି ସାହୁ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାରଣା, ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ସହ ସମ୍ପାଦକ ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରୀସ୍ଥିତ ଜଗନ୍ନାଥ ଆଶ୍ରମର ପ୍ରତିଷ୍ଠାତା ଡ. ସ୍ୱାମୀ ନାରାୟଣ ନନ୍ଦଜୀ ମହାରାଜା ଧନ୍ୟବାଦ ପ୍ରଦାନ କରିବା ସହ କଂସା ଓ ପିତ୍ତଳ ସାମଗ୍ରୀରେ ଖାଦ୍ୟ ପରିବେଷଣ କରିବା ଓ ଖାଇବାରେ ଯେଉଁ ଔଷଧୀୟ ପ୍ରକ୍ରିୟା ରହିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ ।




ଅଧିବେଶରେ ମଞ୍ଚାସୀନ ଅତିଥିଗଣ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଜୁନ, ୨୦୧୯



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ବର୍କ୍



## ସଂକ୍ଷେପରେ

### ୧୪ରୁ ରଜ ମହୋତ୍ସବ

ପୁରୀ ଅଫିସ, ୧୦।୬: ନୀଳାଦ୍ରି କଲଚୁରାଲ ଏକାଡେମୀ ପକ୍ଷରୁ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆଗାମୀ ୧୪ତାରିଖଠାରୁ ୩ଦିନ ବ୍ୟାପୀ ରଜ ମହୋତ୍ସବ ଆୟୋଜନ ହେବ। ଏଥିଲାଗି ପୋଲିସ ଲାଇନ ସ୍କୁଲ ପରିସରରେ ଝୋଟି, ମେହେନ୍ଦି, ଅଳତା, ଦୌଡ଼ି ଓ ବେଙ୍ଗଡିଆଁ, ମ୍ୟୁଜିକ ଚେୟାର, କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ପ୍ରମୋଦ ଜେନା, କାର୍ଯ୍ୟକାରୀ ସଭାପତି ଷ୍ଟାଲିନ ପରିଜା, ସାଂସ୍କୃତିକ ସମ୍ପାଦକ ଯୋଗେନ୍ଦ୍ର ପାତ୍ର ଓ ସହସମ୍ପାଦକ ମନୋଜ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହୋତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

### ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

ଖୋର୍ଦ୍ଧା ଅଫିସ,୧୦।୬: ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣେ ଶିକ୍ଷକଙ୍କ ପରିବାରକୁ ସ୍ଥାନୀୟ ଶିକ୍ଷକ ସଂଘ ପକ୍ଷରୁ ସୋମବାର ୭୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଗତ ମେ’ରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ବାଣପୁରରେ କାର୍ଯ୍ୟରତ ଦୁଇ ଶିକ୍ଷକ ସୁଶାନ୍ତ ପ୍ରଧାନ ଓ ଅସିତ କୁମାର ଶବର ବାଇକରେ ଫୁଲବାଣୀ ଯାଉଥିଲେ। ରାସ୍ତାରେ ଏକ ଟ୍ରକ ସହ ବାଇକର ଧକ୍କା ହେବାରୁ ସୁଶାନ୍ତଙ୍କ ମତ୍ୟୁ ହୋଇଥିଲା। ଅନ୍ୟଜଣେ ଗୁରୁତର ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ୭୫ହଜାର ଟଙ୍କା ସୁଶାନ୍ତଙ୍କ ଝିଅ ପ୍ରିୟଦର୍ଶିନୀଙ୍କ ନାମରେ ବ୍ୟାଙ୍କରେ ଜମା ରଖାଯାଇଛି। ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷା ଅଧିକାରୀ ସନାତନ ଜାଲି ଜମା ଟଙ୍କା ରଶିଦକୁ ସ୍ୱର୍ଗତ ଶିକ୍ଷକ ସୁଶାନ୍ତଙ୍କ ସ୍ତ୍ରୀ ସବିତା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ଧୁମିଳନରେ ଗୁରୁ ପୂଜନ

ଖୋର୍ଦ୍ଧା ଅଫିସ,୧୦।୬: ବୋଲଗଡ ବ୍ଲକ ତାଲତୁମ୍ବ ପଶ୍ଚିମେଶ୍ୱର ବିଦ୍ୟାପୀଠ ୧୯୮୮ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଡ଼ମାଣତୀର ରାମଚଣ୍ଡୀ ପୀଠ ଠାରେ ବନ୍ଧୁ ମିଳନରେ ଗୁରୁ ପୂଜନ ଉତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ନୟାଗଡ଼ର ପୂର୍ବତନ ଡ଼ି.ଆଇ. ରଘୁନାଥ ଦଳବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥି, କବି ବଳରାମ ରଣସିଂହ ମୁଖ୍ୟ ବକ୍ତା ଓ କବି ରଘୁନାଥ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ସତ୍ୟବାଦୀ ସାହୁ, ନାରାୟଣ ବେହେରା, ବସନ୍ତ କୁମାର ରଣସିଂହ, ସୁଶୀଲ କୁମାର ସାହୁ, ପଞ୍ଚାନନ ମହାନ୍ତି, ମୋକିମ୍ ଖାଁ, ପବିତ୍ର କୁମାର ବେହେରା, ବେଣୁଧର ରାଉତ, ରବିନ୍ଦ୍ର ବେହେରା, ହରିହର ବେହେରା ଓ ବ୍ରଜ କିଶୋର ସାହୁ ପ୍ରମୁଖଙ୍କୁ ଉତ୍ତରୀୟ, ଉପହାର ପ୍ରଦାନ କରାଯାଇ ଗୁରୁ ପୂଜନ କରାଯାଇଥିଲା।

# ୩ ରଥର ୩୩ କଣଗୁଜ ସରିଲା




ଚକରେ ତୁମ୍ବ ବିନ୍ଧା କାମ କରୁଛନ୍ତି ମହାରଣା ସେବକ।

ପୁରୀ ଅଫିସ, ୧୦।୬

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମହାରଣା, ରୂପକାର, ଭୋଇ, କମାର ଓ କରତି ସେବକମାନେ କାମରେ ବ୍ୟସ୍ତ ରହିଛନ୍ତି। ଶ୍ରୀକ୍ଷେତ୍ର ଭଉଁରୀରେ ୩ଟି ରଥର ଦୁଇଟି ଲେଖାଏଁ ଚକ ଅଖ ଡେରା ନୀତି ସମ୍ପନ୍ନ ହେବା ପରେ ଚକ ତିଆରି ଆରମ୍ଭ ହୋଇଥିଲା। ଇତିମଧରେ ମୋଟ ୪୨ଟି ଚକ ତିଆରି ସରିଛି। ରଥଖଳା ବାହାରେ ଦଣ୍ଡାହଣା କାମ ଚାଲିଛି। ମଙ୍ଗଳବାର ୩ଟି ରଥର ଆଉ ଦୁଇଟି ଲେଖାଏଁ ଚକ ଅଖ ଡେରା ହେବ। ଏ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି। ସେପଟେ ରଥଖଳାରେ ଗରାଗରା ତିଆରି ଚାଲିଛି। ରୂପକାରମାନେ ଖୋଦେଇ କରୁଛନ୍ତି। ସୋମବାର ସୁଦ୍ଧା ୩ଟି ରଥର ୩୩ଟି କଣଗୁଜ ସରିଛି। ଆସନ୍ତା ସପ୍ତାହକ ମଧରେ କଣଗୁଜ କାମ ଶେଷ ହୋଇଯିବ ବୋଲି ନନ୍ଦିଘୋଷ ରଥ ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର କହିଛନ୍ତି। ଏହାପରେ ସିଂହାସନ, ନାଟ ଗୋଟ ଏବଂ ପରଭା କାମ ଆରମ୍ଭ ହେବ। ଦୋଳବେଦି କୋଣରେ କମାର ସେବକମାନେ ଲୁହାକଣ୍ଟା ତିଆରି ଏବଂ କରତି ସେବକମାନେ ଗୟଲ କାଠ ଚିରଟରେ ବ୍ୟସ୍ତ ରହିଛନ୍ତି।

### ‘ନୀଳଚକ୍ରକୁ ପ୍ରଣାମ କରି ଗୁହାରି ଜଣାଇଥିଲି’

ତାଳଧ୍ୱଜ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର (୪୬)। ୫ବର୍ଷ ବୟସରେ ବାପା ଶ୍ରୀଧରଙ୍କ ସହିତ ରଥଖଳାକୁ ଆସିଥିଲେ। ଜେଜେ ଗୋପୀନାଥ ତାଙ୍କୁ ନିହଣ ଧରାଇ କାଠରେ ଖୋଦେଇ କାମ ଶିଖାଇଥିଲେ। ଆଜି ରାଜେନ୍ଦ୍ର ଜଣେ ନିଖୁଣ ରୂପକାର ସେବକ। ତାଙ୍କ ସହ ପୁଅ ଜଗନ୍ନାଥ, ପୁତୁରା ଶୁଭମ୍ ଏବଂ ପ୍ରକାଶଙ୍କ ସମେତ ଭାଇ ଲିଙ୍ଗରାଜ, କାହ୍ନୁଚରଣ, ସନ୍ତୋଷ ମହାପାତ୍ର କାର୍ଯ୍ୟ କରୁଛନ୍ତି। ୨୦୧୫ ନବକଳେବରରେ ଶାଢି ବନ୍ଧାଇଥିଲେ ରାଜେନ୍ଦ୍ର। ସେ କହିଛନ୍ତି, ମହାପ୍ରଭୁଙ୍କ ଅପାର କରୁଣା ନ ହେଲେ ରଥଖଳାରେ କାମ କରିବା ସମ୍ଭବ ନୁହେଁ। ଫନୀ ବାତ୍ୟା ପରେ ମୁଁ ଭୀଷଣ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇପଡ଼ିଥିଲି। ନୃସିଂହ ଚତୁର୍ଦ୍ଦଶୀ ଦିନ କଣଗୁଜ ଅନୁକୂଳ ହେବାର ଥିଲା। ତେଣୁ କିପରି ରଥକାମ କରିବି, ସେନେଇ ଚିନ୍ତାରେ ଥାଏ। ଘରେ ବହୁ କଷ୍ଟରେ ଶେଯରୁ ଉଠି ଦାଣ୍ଡକୁ ଆସି ନୀଳଚକ୍ର ଓ ପତିତପାବନ ବାନାକୁ ଯୋଡ଼ ହସ୍ତରେ ପ୍ରଣାମ କରି ମହାପ୍ରଭୁଙ୍କୁ ଗୁହାରୀ ଜଣାଇଥିଲି। ଏହାପରଠୁ ମୁଁ ଧିରେ ଧିରେ ସୁସ୍ଥ ଅନୁଭବ କଲି। ତାଙ୍କ ଆର୍ଶୀବାଦରୁ ରଥଖଳାରେ କାମ କରିପାରୁଛି। ଇତିମଧରେ ୪୦ବର୍ଷ ବିତିଗଲାଣି। ମୋ ପୁଅ ଜଗନ୍ନାଥ ମଧ ୫ବର୍ଷ ବୟସରେ ରଥକାମ ଶିଖିବା ଆରମ୍ଭ କରିଥିଲା। ଏବେ ତାକୁ ୧୭ବର୍ଷ ବୟସ। ମହାପ୍ରଭୁଙ୍କ ଆର୍ଶୀବାଦରୁ ଏଠାରେ କିଛି କଷ୍ଟ ଜଣାପଡ଼େ ନାହିଁ।

# ନାଳ ସେତୁର ସୁରକ୍ଷା ୱାଲ ଧସୁଛି

ଦଶପଲ୍ଲା,୧୦।୬ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପଙ୍କୁଆ-କଳସାଖମଣ ରାସ୍ତାର ନୂଆଗାଁସ୍ଥିତ ଠୁକେଇ ନାଳ ସେତୁର ୱିଙ୍ଗ୍ ବା ସୁରକ୍ଷା ୱାଲ ଧସିବାରେ ଲାଗିଛି। ପ୍ରତିବର୍ଷ ବର୍ଷାରେ ୱାଲ ସାଙ୍ଗକୁ ରାସ୍ତା ଭାଙ୍ଗି ନଷ୍ଟ ହେଉଛି। ଏଥିଯୋଗୁ ନୂଆଗାଁ ଓ କଳସାଖମଣ ପଞ୍ଚାୟତର ଶତାଧିକ ଜନସାଧାରଣ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ କାମଚଳା ଭାବେ ଏହାର ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ କିଛିଦିନ ତଳେ ସାମାନ୍ୟ ବର୍ଷାରେ ଏହି ୱାଲ୍‌ର କିଛିଅଂଶ ଧସିଥିବା ଦେଖାଯାଇଥିଲା। ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହାର ତୁରନ୍ତ ମରାମତି କରିବା ପାଇଁ ଅଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଏହି ରାସ୍ତାଟି ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସଇତିସୁନ୍ଦରାଙ୍କ କହିବା ଅନୁଯାୟୀ ପଙ୍କୁଆ-କଳସାଖମଣ ରାସ୍ତାର ୪୦କିମି ରାସ୍ତା ନିକଟରେ ଆମ ବିଭାଗକୁ ହସ୍ତାନ୍ତର କରାଯାଇଛି। ମାତ୍ର ଏହି ସେତୁର ୱିଙ୍ଗ୍ ୱାଲ ଦୁର୍ବଳ ଥିବାବେଳେ ଏହା ଆମକୁ ହସ୍ତାନ୍ତର କରାଯାଇ ନାହିଁ। ଏହାକୁ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରାଯାଇଥିବା ସେ କହିଛନ୍ତି।



ଠୁକେଇ ନାଳ ସେତୁର ସୁରକ୍ଷା ୱାଲ ଧସୁଥିବା ଦୃଶ୍ୟ।

# ଭାପୁରରେ ଯୁକ୍ତ ୩ ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ଜୋର ଧରିଲା

ଭାପୁର/ଖଣ୍ଡପଡା,୧୦।୬ (ଡି.ଏନ.ଏ./ସ୍ୱ.ପ୍ର.)

ଭାପୁର ବ୍ଲକ ସଦର ମହକୁମାରେ ଯୁକ୍ତ ୩ ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ଜୋର ଧରିଛି। ରବିବାର ଏହି ମର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ। ଯୁକ୍ତ ୩ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଧାରଣ କରିଥିବା ନୀତିନିୟମ ସମ୍ପର୍କରେ ଅଧାପକ ସୁମନ୍ତ କୁମାର ଜେନା ସୂଚନା ପ୍ରଦାନ କରିଥିଲେ। ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ହୋଇଥିବାରୁ ବୈଠକରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଅପରପକ୍ଷେ ଏଠାରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯିବା କ୍ଷେତ୍ରରେ ସ୍ଥାନୀୟ ଏମ୍‌ପି, ବିଧାୟକ, ବ୍ଲକ ଅଧକ୍ଷ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ କାମନା କରାଯାଇଥିଲା। ମହାବିଦ୍ୟାଳୟ ନାମରେ କିଭଳି ଯଥାଶୀଘ୍ର ୫ ଏକର ଜମି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୩ଟି ସମନ୍ୱୟ କମିଟି ଗଠନ କରାଯାଇଥିଲା। ବୈଠକରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଲେଙ୍କା, ରବୀନ୍ଦ୍ର କୁମାର ପଟ୍ଟନାୟକ, ଜଗନ୍ନାଥ ବାରିକ, ଗଗନ ବିହାରୀ ତ୍ରିପାଠୀ, ଜିତେନ୍ଦ୍ର କୁମାର ରଣସିଂ, ଭାପୁର, ଗୋଳାପୋଖରୀ, ଫତେଗଡ ସରପଞ୍ଚ ଯଥାକ୍ରମେ ପ୍ରସନ୍ନ କୁମାର ନାୟକ, ଲକ୍ଷ୍ମୀଧର ସାମନ୍ତରାୟ, ତୋଫାନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ତରଫରୁ ବିଜୟ କୁମାର ସାମନ୍ତରାୟ, କାର୍ତ୍ତିକ ପ୍ରଧାନ, ନିରଞ୍ଜନ ଦଳବେହେରା, କୃଷ୍ଣଚନ୍ଦ୍ର ରାଉତରାୟ, ପ୍ରବୋଧ କୁମାର ସାହୁ, ରମେଶ ଚନ୍ଦ୍ର ବରାଡ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତାମତ ପ୍ରଦାନ କରିଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ଗଠନ ହେଲା ୩ ସମନ୍ୱୟ କମିଟି**

### ଅନାବାଦୀ ଜାଗାକୁ ନେଇ ତୁଟୁନି ବିବାଦ
### ଉପଜିଲାପାଳଙ୍କ ଦ୍ୱାରସ୍ଥ ବାଲିପଡ଼ିଆବାସୀ

ପୁରୀ ଅଫିସ,୧୦।୬

ପୁରୀ ସଦର ଥାନା ଅଧୀନ ଗୋରୁଆଳ ପଞ୍ଚାୟତର ବାଲିପଡ଼ିଆ ଓ ଗୋରୁଆଳ ଗ୍ରାମ ମଧରେ ଅନାବାଦୀ ଜାଗାକୁ ନେଇ ବିବାଦ ଲାଗିରହିଛି। ଏବେ ସେହି ଅନାବାଦୀ ଜାଗାରୁ ଗଛକଟା ଆଶଙ୍କାରେ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ବାଲିପଡ଼ିଆ ଗ୍ରାମବାସୀ ସୋମବାର ଉପଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ ଜଣାଇବା ସହ ବିବାଦ ସମାଧାନ ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଗୋରୁଆଳ ରାଜସ୍ୱ ଗ୍ରାମର ଏକ ପଡ଼ା ଗ୍ରାମ ହେଉଛି ବାଲିପଡ଼ିଆ। ଏହି ଗାଁ ନିକଟ ସରକାରୀ ଅନାବାଦୀ ଖାତା ନଂ. ୧୨୫୫, ପ୍ଲଟ ନଂ. ୨୮୫୬ ଏବଂ ଖାତା ନଂ.୧୨୮୫ରେ ପ୍ଲଟ ନଂ. ୬୭୫ର ସମ୍ପତ୍ତିକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏଥିରେ ସେମାନେ ହଜାର ହଜାର ଆକାଶିଆ, ଝାଉଁ ଆଦି ଗଛ ଲଗାଇଥିଲେ। ଉକ୍ତ ଜମିକୁ ନେଇ ଦୀର୍ଘଦିନ ହେଲା ଉଭୟ ଗ୍ରାମ ମଧରେ ବିବାଦ ଲାଗି ରହିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୯୯/୧୫ ରୁଜୁ ହୋଇଥିଲା। ପୋଲିସ ଉକ୍ତ ମାମଲାରେ ଗୋରୁଆଳ ଗ୍ରାମର ପ୍ରାୟ ୮୦ଜଣଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ସେମାନେ ଜାମିନ ଆସିବା ପରେ ପୁଣି ଗଣ୍ଡଗୋଳ କରିଥିଲେ। ଆଜି ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିନାହିଁ। ଗତ ବାତ୍ୟାରେ ସେହି ଜମିରେ ଲାଗିଥିବା ଲକ୍ଷାଧିକ ଟଙ୍କାର ଗଛ ଭାଙ୍ଗିଯାଇଛି। ସେଗୁଡ଼ିକୁ ଗୋରୁଆଳ ଗ୍ରାମବାସୀ ନେଇଯାଇପାରନ୍ତି। ଏଥିଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ବାଲିପଡିଆ ଗ୍ରାମବାସୀ ନିବେଦନ କରିଛନ୍ତି।

# କାଳବୈଶାଖୀ: ଗଛ ପଡ଼ି ରାସ୍ତା ଅବରୋଧ
### ଯାନବାହନ ଚଳାଚଳ ବନ୍ଦ, ବିଦ୍ୟୁତ୍ ସରବରାହ ବ୍ୟାହତ

ଖଣ୍ଡପଡା,୧୦।୬(ସ୍ୱ.ପ୍ର.)

ସୋମବାର ସନ୍ଧ୍ୟାରେ ହଠାତ୍ କାଳବୈଶାଖୀ ଯୋଗୁ ବର୍ଷା ପବନ ହୋଇ କଣ୍ଟିଲୋ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କଣ୍ଟିଲୋ-ଫତେଗଡ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା କମେଇ ସେତୁ ନିକଟରେ ଏକ ବଡ ଗଛ ଭାଙ୍ଗି ପଡିଛି। ଫଳରେ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି । ଏହାଛଡା କମେଇ ସେତୁ ପାନ୍ଥଶାଳା ନିକଟରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ରାସ୍ତା ଉପରେ ପଡିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ମେଘ ପବନ ତଥା ବର୍ଷା ଯୋଗୁ ରାତି ସାଢେ ୯ଟା ସୁଦ୍ଧା ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରି ନାହିଁ। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ, ଯାତ୍ରୀବାହୀ ବସ ଓ ଅନ୍ୟାନ୍ୟ ଯାନବାହନ ଅଟକି ରହିଥିବାରୁ ଯାତ୍ରୀମାନେ ସମସ୍ୟାରେ ପଡିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଉକ୍ତ ଗଛକୁ କାଟି ରାସ୍ତା ସଫା କରୁଥିବା ପରିଲକ୍ଷିତ ହୋଇଛି ।

# ଓଲଟିଲା ବସ୍, ୪୦ ଆହତ

ଖୋର୍ଦ୍ଧା ଅଫିସ,୧୦।୬

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଜାଗୁଲେଇପାଟଣା ଠାରେ ସୋମବାର ମଧାହ୍ନରେ ଏକ ଘରୋଇ ବସର ଆଗ ଚକା ଫାଟିଯିବାରୁ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ବସରେ ଥିବା ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୪୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନା ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବେବି ଆଣ୍ଡ ବେବି (ଓଆର ୦୨କ୍ୟୁ ୨୯୧୮) ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ଭାୟା ନୟାଗଡ, ଆଡକଟା ଦେଇ ଗଣିଆ ଯାଏ। ସୋମବାର ଗଣିଆ ଯାଉଥିବାବେଳେ ଜାଗୁଲେଇପାଟଣାରେ ବସର ଆଗଚକା ଫାଟି ଯାଇଥିଲା। ଫଳରେ ବସ୍ ରାସ୍ତା ତଳକୁ ଖସି ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନା ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତଙ୍କ ମଧ୍ୟରୁ ନୟାଗଡ ଜିଲା ଓଡଗାଁ ପେଟାପଲ୍ଲୀର ରଞ୍ଜନ ନାୟକ(୨୦), ଗଣିଆ ରାଉତପଡା ବଳଭଦ୍ର ବେହେରା(୪୫), ସୁଷମା(୩୫), ପୁଅ ବିବେକ(୧୦) ଓ ଝିଅ ବର୍ଷାରାଣୀ(୧୧), ଖଣ୍ଡପଡା ଜଗନ୍ନାଥପ୍ରସାଦର ଜିତେନ୍ଦ୍ର ମହାପାତ୍ର(୪୮)ଓ ସ୍ତ୍ରୀ ରୀନା(୪୨), ଗଙ୍ଗାଧର ସାମଲ(୬୪), ନୂଆଗାଁ କେରଡାର କାହ୍ନା ବେହେରା(୪୦) ଓ ବେଗୁନିଆର ସନ୍ତୋଷ ଜେନା(୩୫)ଓ ସ୍ତ୍ରୀ ମାନି(୩୦) ପ୍ରମୁଖ ୧୫ଜଣ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇବା ପରେ ବସର ସମସ୍ତ କର୍ମଚାରୀ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ଓ ନୟାଗଡ ଜିଲାରେ ଯାଞ୍ଚ ହେଉ ନ ଥିବାରୁ ବସଗୁଡିକରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତ୍ରା କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

■ ଶିଶୁପୁତ୍ର ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣା

# କାର୍ଯ୍ୟରେ ଯୋଗଦେଲେ ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ

ନିରାକାରପୁର,୧୦।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ମଞ୍ଜାରିଆ ପାଟଣା ଗ୍ରାମର ଏକ ଦଳିତ ପରିବାରରେ ରବିବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଗତ ମେ ମାସରେ ଜନ୍ମିତ ଶିଶୁଟିର ଉପଯୁକ୍ତ ତଦାରଖ ହେଉ ନ ଥିବା ନେଇ ପରିବାର ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ତଥାପି ଏହାକୁ ହାଲୁକା ଭାବେ ଗ୍ରହଣ କରାଯାଇଥିବା କୁହାଯାଇଥିଲା। ତେବେ ଶିଶୁଟିର ମୃତ୍ୟୁପରେ ଏହି ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ସହ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରାମବାସୀ ନିଜ ଘରେ ତାଲା ପକାଇ ଦେଇଥିଲେ। ପରେ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ ଓ ବୁଝାସୁଝା କରିବା ପରେ ପରିସ୍ଥିତ ସ୍ୱାଭାବିକ ହୋଇଥିଲା। ଶେଷରେ ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଟାଙ୍ଗୀ ଗୋଷ୍ଠୀକେନ୍ଦ୍ରରେ ଯୋଗ ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଦେଶ ଦେବା ପରେ ଏହି ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟରେ ଯୋଗ ଦେଇଛନ୍ତି।

# ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କୃଷ୍ଣପ୍ରସାଦ ଗସ୍ତ

■ ବିଦ୍ୟାଳୟଗୁଡ଼ିକର ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

କୃଷ୍ଣପ୍ରସାଦ,୧୦।୬(ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକକୁ ସୋମବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଗସ୍ତ କରିଛନ୍ତି । କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଫନୀ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅରଖକୁଦା, ମାଣିକା, ସାତପଡ଼ା, ପଣସପଦା, ଗୋପୀନାଥପୁର ଆଦି ବିଭିନ୍ନ ସ୍ଥାନ ସ୍ୱାଇଁ ପରିଦର୍ଶନ କରିଥିଲେ । ସେ ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରିକାଳୀନ ବୈଠକ ଡକାଇଥିଲେ । ଫନୀ ବାତ୍ୟାରେ ଗୃହ ହରାଇଥିବା ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖୁବ୍ ଶୀଘ୍ର ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ବିଡିଓ, ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକରେ ଫନୀ ଯୋଗୁ ୮୭ଟି ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ସେଥିମଧ୍ୟରୁ ୨୧ଟି ବିଦ୍ୟାଳୟ ଗୃହ କାର୍ଯ୍ୟଶେଷ ହୋଇଥିବା ବିଡିଓ ମାଝି ପ୍ରକାଶ କରିଛନ୍ତି । ଆଉ କିଛି ଦିନ ପରେ ବିଦ୍ୟାଳୟଗୁଡ଼ିକ ଖୋଲାଯିବ। ଏଣୁ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଛନ୍ତି।



ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ।

■ ବିନା ରେକର୍ଡରେ ବାଳାଶ୍ରମରେ ରହୁଛନ୍ତି ନାବାଳକ

# ଥାନାରେ ଗଡୁଛି ନିଖୋଜ ମାମଲା

ପୁରୀ ଅଫିସ, ୧୦।୬

ପୁରୀସ୍ଥିତ ଉତ୍କଳ ବାଳାଶ୍ରମରେ ସୁରକ୍ଷିତ ନୁହନ୍ତି ଅନ୍ତେବାସୀ। ବିଭିନ୍ନ ସମୟରେ ବାଳାଶ୍ରମରୁ ଅନ୍ତେବାସୀ ଚମ୍ପଟ ମାରୁଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଜଣେ ନାବାଳିକା ସ୍କାଏ ଲାଇଟ ଭାଙ୍ଗି ଫେରାର ହୋଇଯାଇଥିଲେ। ପରେ ତାଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରିଥିଲା। ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ସହାୟତାରେ ତାଙ୍କୁ ବାଳାଶ୍ରମକୁ ଫେରାଇ ଅଣାଯାଇଥିଲା। ଏଭଳି ଘଟଣା ପ୍ରତି ଜିଲା ପ୍ରଶାସନ ବିଶେଷ ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ। ଅନ୍ୟପଟେ ବିନା ରେକର୍ଡପତ୍ରରେ ଜଣେ ନାବାଳକ ବାଳାଶ୍ରମରେ ରହୁଥିବା ଜଣାପଡ଼ିଛି। ଏ ନେଇ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

ସୂଚନା ଅନୁଯାୟୀ, ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ନିର୍ଦ୍ଦେଶ କ୍ରମେ ବାଳାଶ୍ରମରୁ ଜଣେକ ନାବାଳକଙ୍କୁ ଭୂଦାନ ଅଞ୍ଚଳରେ ଥିବା ଶିଶୁ ଯତ୍ନ ୟୁନିଟ ‘ଆଦୃତା’କୁ ପଠାଯାଇଥିଲା। ଏହାର ପରଦିନ ସମ୍ପୃକ୍ତ ନାବାଳକ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ଆଦୃତା କର୍ତ୍ତୃପକ୍ଷ ତାଳବଣିଆ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପରେ ନାବାଳକ ଜଣକ ବାଳାଶ୍ରମକୁ ଫେରିଯାଇଥିଲେ। ଏ ସଂକ୍ରାନ୍ତରେ ସିଡବ୍ଲ୍ୟୁସି ଚେୟାରମ୍ୟାନ ରୁଦ୍ର ମହାବୀର ନାରାୟଣ ସାହୁ କହିଛନ୍ତି, ସମର କ୍ୟାମ୍ପରେ ଚିତ୍ରାଙ୍କନ ଶିକ୍ଷା ଗ୍ରହଣ ଲାଗି ଉକ୍ତ ନାବାଳକଙ୍କୁ ସେଠାକୁ ପଠାଯାଇଥିଲା। ସେ ବାଳାଶ୍ରମକୁ ଫେରିଯାଇଥିବା ଖବର ପାଇ ବାଳାଶ୍ରମ ତତ୍ତ୍ୱାବଧାରକ ସାରଙ୍ଗଧର ମହାପାତ୍ରଙ୍କ ସହ ଆଲୋଚନା କରିଥିଲି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ସେଠାରେ ରଖାଯାଇଛି। ତେବେ କାହିଁକି ଏ ସଂକ୍ରାନ୍ତରେ ସିଡବ୍ଲ୍ୟୁସିକୁ ଅବଗତ କରାଯାଇନାହିଁ ବୋଲି ତାଙ୍କୁ ପଚାରିବାରେ ସେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା କହିଥିଲେ। ଅନ୍ୟପକ୍ଷରେ ଏ ନେଇ ବାଳାଶ୍ରମ ତତ୍ତ୍ୱାବଧାରକଙ୍କ ମୋବାଇଲ୍‌କୁ ଫୋନ୍ କରାଯିବା ସତ୍ତ୍ୱେ ସେ କିଛି ଉତ୍ତର ଦେଇ ନ ଥିଲେ। ବାଳାଶ୍ରମରେ ପିଲାମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଦିଆଯାଉଛି। ତାହା ସତ୍ତ୍ୱେ ପିଲା ଚାଲିଯିବାକୁ ଉଦ୍ୟମ କରିବା ଯୋଗୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବାଳାଶ୍ରମରେ ଆବଶ୍ୟକତାଠାରୁ କମ୍‌ସଂଖ୍ୟକ କର୍ମଚାରୀ ରହିଛନ୍ତି। ଗୋଟିଏ କ୍ୟାମ୍ପସରେ ପୁଅ ଓ ଝିଅ ରହୁଛନ୍ତି। ଏଣୁ କୌଣସି ଅଘଟଣକୁ ସହଜେ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ସମ୍ପୃକ୍ତ ନାବାଳକ ଅନ୍ୟତ୍ର ରହିବାକୁ ଅନିଚ୍ଛା ପ୍ରକାଶ କରି ଫେରିଆସିଥିବା ମୋତେ ଜଣାଇଥିଲେ। ତେଣୁ ତାଙ୍କୁ ବାଳାଶ୍ରମରେ ରଖିବା ଲାଗି ତତ୍ତ୍ୱାବଧାରକଙ୍କୁ ମୌଖିକ ଭାବେ କହିଥିଲି। ମୁଁ ନିୟମିତ ବ୍ୟବଧାନରେ ପିଲାଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରୁଛି। ବାଳାଶ୍ରମରେ କର୍ମଚାରୀ ଆବଶ୍ୟକତା ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି।